

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 APRIL 2024

Vol.No. 35 ■ No.103 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୋଖରୀରେ ବୁଡ଼ି ଗଲେ ଦୁଇ ସଂପର୍କୀୟ ଭଉଣୀ

ମୟୁରଭଞ୍ଜ, ୧୬/୪ (ନି.ପ୍ର): ପୋଖରୀରେ ଗାଧୋଉ ଥିବା ବେଳେ ବୁଡ଼ି ଗଲେ ଦୁଇ ସଂପର୍କୀୟ ଭଉଣୀ। ଘଟଣାଟି ଘଟିଛି ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ପ୍ରତାପପୁର ଗାଁର ଡାହି ସାହିରେ। ମୃତକ ଦ୍ୱୟ ହେଉଛନ୍ତି ଗାଁର ସନ୍ତୋଷ ନାୟକଙ୍କ ଝିଅ ସୁରେଖା ନାୟକ (୧୫) ଓ ରାସପୁର ନାୟକଙ୍କ ଝିଅ ଝିଲ୍ଲୀ ନାୟକ (୧୭)। ଆଜି ଦିନ ପ୍ରାୟ ୧୦ଟା ବେଳେ ସେମାନେ ଘର ପଛ ପାଖରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲା। ଗାଧୋଇବା ବେଳେ କୌଣସି କାରଣରୁ ଉଭୟ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ତେବେ ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା।

# ଟପ୍ ଲିଡର ଶଙ୍କର ରାଓ ସମେତ ୨୯ ନକ୍ସଲ ସଫା

ଛତିଶଗଡ଼, ୧୬/୪ : ଲୋକସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ହୋଇଛି ବଡ଼ଧରରଣ ନକ୍ସଲ ଅପରେସନ। କାଙ୍କେର ଜିଲ୍ଲାରେ ହୋଇଥିବା ଏନକାଉଣ୍ଟ ?ରେ ପ୍ରାଣ ହରାଇଛନ୍ତି ୨୯ ନକ୍ସଲ। ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସଂଗଠନର ଟପ କମାଣ୍ଡର ଶଙ୍କର ରାଓ। ତା' ମୁଣ୍ଡରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ମାଓବାଦୀଙ୍କ ମୃତଦେହଗୁଡ଼ିକ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହା ମଧ୍ୟରେ ଏକାଧିକ ଏକେ ୪୭ ଓ ଇନସାସ ରାଇଫଲ୍ ରହିଛି। ନକ୍ସଲ ବିରୋଧୀ ଅପରେସନରେ ୩ ଜଣ ଯବାନ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଆଜି ପ୍ରାୟ ଦିନ ୨ଟା ବେଳେ ଡିଆରଜି ଓ ବିଏସ୍ଏଫ ପକ୍ଷରୁ ବିନାଗୁଣ୍ଡା

ନିକଟସ୍ଥ ଗୋଟିଏ ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନ କରାଯାଉଥିଲା। ଏହି ସମୟରେ ସେମାନଙ୍କ ମୁକାବିଲା ନକ୍ସଲଙ୍କ ସହ ହୋଇଥିଲା। ଜଙ୍ଗଲ ଭିତରେ ପ୍ରାୟ ୫୦ ଜଣ ନକ୍ସଲ ରହିଥିଲେ। ସେମାନେ ଯବାନମାନଙ୍କୁ ଦେଖିବା କ୍ଷଣି ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହାର ଜବାବ ମଧ୍ୟ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା। ଦୀର୍ଘ ସମୟ ଧରି ହୋଇଥିବା ଗୁଳି ବିନିମୟ ପରେ ଘଟଣା ସ୍ଥଳରୁ ୨୯ ଜଣ ନକ୍ସଲଙ୍କ ମୃତଦେହ ମିଳିଛି। ଶଙ୍କର ରାଓର ଶବକୁ ମଧ୍ୟ ଜବତ କରାଯାଇଛି। ଶଙ୍କର ବିଭିନ୍ନ ହିଂସାକାଣ୍ଡ ଓ ଆକ୍ରମଣ ଘଟଣାରେ ସାମିଲ ଥିଲା। ସେହିପରି ମାଓବାଦୀଙ୍କ ସହ ମୁକାବିଲା କରିବା ବେଳେ ବିଏସ୍ଏଫର ୨ ଜଣ ଓ ଡିଆରଜିର ଜଣେ ଯବାନ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ଆହତ ୨ ବିଏସଏଫ ଯବାନଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଡିଆରଜି ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ସେମାନଙ୍କୁ ସେନା ହସ୍ପିଟାଲକୁ ନିଆଯାଇଛି। ପୁଲିସ୍ କହିଛି ଯେ ଘଟଣା ସ୍ଥଳରୁ ୭ଟି ଏକେ ୪୭ ରାଇଫ ଓ ୩ଟି ଲାଇଟ ମେସିନ ଗନ୍ ସମେତ ଏକାଧିକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମିଳିଛି। ଏବେ ସର୍ଚ୍ଚ ଅପରେସନ ଜାରି ରହିଥିବାରୁ ଆହୁରି ମୃତଦେହ ଓ ନକ୍ସଲ ସାମଗ୍ରୀ ଜବତ ହେବାର ସମ୍ଭାବନା ରହିଛି।

## ଆଜି ବି ବାବା ରାମଦେବଙ୍କୁ ମିଳିଲାନି କ୍ଷମା

ନୂଆଦିଲ୍ଲୀ, ୧୬/୪ : ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଆଜି ବି ପତଞ୍ଜଳି ମୁଖ୍ୟ ଯୋଗଗୁରୁ ରାମଦେବ ବାବା ଓ ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ସୁପ୍ରିମକୋର୍ଟରୁ କ୍ଷମା ମିଳିନାହିଁ। ଉଭୟ କୋର୍ଟରେ ବିନା ସର୍ତ୍ତରେ କ୍ଷମା ମାଗିଥିଲେ ମଧ୍ୟ ଅଦାଲତ ଏମାନଙ୍କ କ୍ଷମାକୁ ଗ୍ରହଣ କରିନାହାନ୍ତି। ସପ୍ତାହ

ପରେ ଅର୍ଥାତ ଏପ୍ରିଲ ୨୩ ତାରିଖରେ ପୁଣି ଥରେ ହାଜର ହେବାକୁ ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ସୁପ୍ରିକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଅଦାଲତ ଅବମାନନା ମାମଲରେ ବାବା ରାମଦେବଙ୍କ କ୍ଷମା ପ୍ରାର୍ଥନା ଉପରେ ଆଜି ପୁଣି ଥରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଏହି ସମୟରେ ବାବା ରାମେଦବ ଓ ଆଚର୍ଯ୍ୟ ବାଳକୃଷ୍ଣ କୋର୍ଟରେ ହାଜର ହୋଇଥିଲେ। ଉଭୟ ବ୍ୟକ୍ତିଗତ ରୂପେ କୋର୍ଟରେ କ୍ଷମା ମାଗିଥିଲେ। କିନ୍ତୁ ଆଜି ବି କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ପତଞ୍ଜଳିର କ୍ଷମାକୁ ବର୍ତ୍ତମାନ ▶▶ପୃଷ୍ଠା ୭

## ଆଉ ୨୧ ଜଣଙ୍କ ନାଁ ଘୋଷଣା କଲା ବିଜେପି, ରାଉରକେଲାରୁ ଲଢ଼ିବେ ଦିଲ୍ଲୀପ ରାୟ: ଦୁଇଟି ସ୍ଥାନରେ ବଦଳିଲେ ପ୍ରାର୍ଥୀ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ଆଉ ୨୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ଦଳ ୧୧୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ସେଥିରୁ ଦୁଇଟିରେ ପ୍ରାର୍ଥୀଙ୍କୁ ବଦଳାଇଛି। ରଣପୁର ଓ ପଟ୍ଟାଙ୍ଗୀରେ ଦଳ ପ୍ରାର୍ଥୀ ବଦଳାଇଛି। ରଣପୁରରୁ ଦଳ ପ୍ରଥମେ ତାପସ ମାର୍ଥାଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଆଜି ପ୍ରକାଶ ପାଇଥିବା ତାଲିକାରେ ତାଙ୍କ ବଦଳରେ ସୁରମା ପାଢ଼ୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ପଟ୍ଟାଙ୍ଗୀରେ ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦବାଲିଙ୍କୁ ପ୍ରାର୍ଥୀ କରିଛି ଦଳ। ୨୦୧୯ରେ ନିର୍ବାଚନ ଲଢ଼ି ନଥିବା ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ଏଥର ନିର୍ବାଚନ ଲଢ଼ିବେ। ତାଙ୍କୁ ଦଳ

ରାଉରକେଲାରୁ ପ୍ରାର୍ଥୀ କରିଛି। ଏହି ଆସନରୁ ଦିଲ୍ଲୀପ ରାୟ ତିନି ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୮୫ ଓ ୧୯୯୦ରେ ଜନତା ଦଳ ଟିକେଟରେ ସେ ବିଜୟୀ ହୋଇଥିଲେ। ୨୦୧୪ରେ ସେ ଏହି ଆସନରୁ ବିଜେପି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କୈଳାଶ ଚନ୍ଦ୍ର କୁଲେସିକାଙ୍କୁ ପ୍ରାର୍ଥୀ କରାଯାଇଛି। ବିଜେପି ତାଙ୍କୁ ଲକ୍ଷ୍ମୀପୁର ଆସନରୁ ପ୍ରାର୍ଥୀ କରିଛି।କୈଳାଶ କୁଲେସିକା କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। କିନ୍ତୁ ଟିକେଟ ନ ମିଳିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ଟିକେଟ ଦେବାର ପ୍ରତିଶ୍ରୁତି ଦେଇ ବିଜେଡି ତାଙ୍କୁ ଦଳରେ ଯୋଗ ଦେବାକୁ କହିଥିଲା ବୋଲି ସେ ଅଭିଯୋଗ କରିଥିଲେ। ୨୦୧୪ରେ ସେ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସେ ହାରିଯାଇଥିଲେ। ଡମ୍ବରୁ ଶିଶାଙ୍କୁ ମଧ୍ୟ ବିଜେପି ଟିକେଟ ଦେଇଛି। ଗତ ମାସରେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ୨୦୧୪ରେ ଡମ୍ବରୁ ଚିତ୍ରକୋଣ୍ଡା ଆସନରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ତାଙ୍କୁ ଦଳ ଟିକେଟ ଦେଇ ନଥିଲା। ବିଜେପି ତାଙ୍କୁ ଚିତ୍ରକୋଣ୍ଡା ଆସନରୁ ପ୍ରାର୍ଥୀ କରିଛି। ସେହିପରି ପାଟଣାରୁ ବିଜେପି ଅଖିଳ ଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ସାରସକଣାରୁ ଭାଦବ ହାଁସଦା, ରାଇରଙ୍ଗପୁରରୁ ଜୋଲେନ ବାରଦା, ବାଙ୍ଗିରିପୋଷିରୁ ସଞ୍ଜଳି ମୁର୍ମୁ, କରଞ୍ଜିଆରୁ ପଦ୍ମଚରଣ ହାଇବୁ, ଝରିଗାଁରୁ ନରସିଂହ ଭତ୍ରା, ଡାବୁଗାଁରୁ ସୋମନାଥ ପୂଜାରୀ, ରାଜନଗରରୁ ▶▶ପୃଷ୍ଠା ୭

## ୧୮ ଓ ୧୯ରେ ଜାଳିବ: ୨୦ରୁ ବଦଳିପାରେ ପାଗ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ୧୪ ତାରିଖରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ପୁଣି ବଢ଼ିଛି। ଗତକାଲି ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ଆଜି ୨୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ବାରିପଦାରେ ସବୁଠି ଅଧିକ ଖରା ହୋଇଛି। ଆଜି ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟରେ ଆଗକୁ ମଧ୍ୟ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ସେଥିପାଇଁ ପାଣିପାଗ ବିଭାଗ ଆସନ୍ତା ୫ ଦିନ ପାଇଁ ଗ୍ରୀଷ୍ମ

ପ୍ରବାହ ଓ ଉଷ୍ମ-ଆଦ୍ର ସ୍ଥିତି ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ତେବେ ଆଶ୍ୱସ୍ତିର ଖବର ଏହା ଯେ ୨୦ ତାରିଖ ବେଳକୁ ପାଗରେ ସାମନ୍ୟ ପରିବର୍ତ୍ତନ ଆସିପାରେ। ସେହିଦିନ ରାଜ୍ୟର କିଛି ଅଞ୍ଚଳରେ ହାଲ୍‌କା ବର୍ଷା ହୋଇପାରେ। ସେହିପରି ୨୧ ଓ ୨୨ ତାରିଖରେ ମଧ୍ୟ ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ▶▶ପୃଷ୍ଠା ୭

## ପରିତ୍ୟକ୍ତ କୋଠରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗିର, ୧୬/୪ (ନି.ପ୍ର): ଏକ ପରିତ୍ୟକ୍ତ କୋଠରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ନାଁ ହେଉଛି ଗଣେଶ ବେହେରା। ତାଙ୍କ ଘର ବଲାଙ୍ଗିର ଜିଲ୍ଲା ସାଲେପାଲିରେ। ଗଣେଶଙ୍କ ମା'ଙ୍କର ମୃତ୍ୟୁ ପରେ ତାଙ୍କ ବାପା ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଥିଲେ। ଗଣେଶ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ ଗାଁରେ ଏକା ରହୁଥିଲେ। ଏଣେ ତେଣେ ବୁଲି ମାଗିକି ଖାଉଥିଲେ। ଆଉ ସେଇ ଗାଁରେ ଥିବା ଏକ ପରିତ୍ୟକ୍ତ କୋଠରୀରେ ରାତିରେ ରହୁଥିଲେ ଗଣେଶ। ହେଲେ କିଛିଦିନ ହେବ ଅସୁସ୍ଥ ହୋଇପଡ଼ିଥିଲେ ଗଣେଶ। ତାଙ୍କର ଏପରି ଅବସ୍ଥା ଦେଖି କିଛି ସ୍ୱେଚ୍ଛାସେବୀ ବଲାଙ୍ଗିର ▶▶ପୃଷ୍ଠା ୭

## କୋର୍ଟ ବିଲ୍‌ଡିଂରୁ ଡେଇଁପଡ଼ିଲେ କଏଦୀ

ଝାରସୁଗୁଡ଼ା, ୧୬/୪ (ନି.ପ୍ର): କୋର୍ଟ ବିଲ୍‌ଡିରୁ ଡେଇଁ ପଡ଼ିଲେ ବିଚାରାଧୀନ ବନ୍ଦୀ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଛି। ଏପରି ଘଟଣା ଝାରସୁଗୁଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି। ଦୁଷ୍କର୍ମ ମାମଲାରେ ବନ୍ଦୀ ଜଣକ କୋର୍ଟରେ ହାଜର ହେବା ପାଇଁ ଆସିଥିଲେ। ବେଳପାହାଡ଼ ଥାନା ଅନ୍ତର୍ଗତ ଜୁନାଡିହି ଗାଁର ସନାତନ ସିଂ ୨୦୨୩ ମସିହାରେ ପୋକ୍ସୋ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିଲେ। ଆଜି ତାଙ୍କର ଶୁଣାଣି ରହିଥିଲେ। ସେଥିପାଇଁ ସେ କୋର୍ଟ ଭ୍ୟାନ୍‌ରେ କୋର୍ଟକୁ ଯାଉଥିଲେ। ଭ୍ୟାନ୍ ଓହ୍ଲାଇ ଚାଲି କୋର୍ଟ ରୁମ୍‌କୁ ଯାଉଥିବା ବେଳେ ଦ୍ୱିତୀୟ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି।

## ପୁଣି ଗର୍ଜିଲେ ରାହୁଲ ଗାନ୍ଧି: କହିଲେ- ସବୁଠାରୁ ବଡ଼ ଦୁର୍ନୀତିର ଓକିଲାତି କରୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୬/୪ : ନିର୍ବାଚନୀ ବଣ୍ଡ ପ୍ରସଙ୍ଗରେ ପୁଣିଥରେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ନେତା ରହୁଲ ଗାନ୍ଧି। ସବୁଠାରୁ ବଡ଼ ଦୁର୍ନୀତି କାଣ୍ଡକୁ ଠିକ ବୋଲି ପ୍ରମାଣିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଚେଷ୍ଟା କରୁଛନ୍ତି ବୋଲି ରାହୁଲ କହଛନ୍ତି। କୋଝିକୋଡରେ ଗୋଟିଏ ନିର୍ବାଚନ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, "ଗତକାଲି ଆପଣମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଣ୍ଟରଭ୍ୟୁ ଏଏନ୍‌ଆଇରେ ଦେଖିଛନ୍ତି କି ନାହିଁ, ଜାଣିନି। ଆପଣମାନେ ତାଙ୍କ ଆଖି, ମୁହଁକୁ ମାର୍କ କରିଛନ୍ତି କି ନାହିଁ, ସେକଥା ମଧ୍ୟ ଜାଣିନି। କିନ୍ତୁ ସେ ସବୁଠାରୁ ବଡ଼ ଦୁର୍ନୀତିକୁ ଠିକ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି। ପୃଥିବୀର ସବୁଠାରୁ ବଡ଼ ଦୁର୍ନୀତି ଜରିଆରେ ବିଜେପି ଭାରତୀୟ ବ୍ୟବସାୟୀଙ୍କ ଠାରୁ ହଜାର ହଜାର କୋଟି ଟଙ୍କା ଲୁଟ କରିଛି।" ଗତକାଲି ଏଏନ୍‌ଆଇକୁ ମୋଦି କହିଥିଲେ



ଯେ ନିର୍ବାଚନରେ କଳା ଟଙ୍କାର ବ୍ୟବହାରକୁ ରୋକିବା ପାଇଁ ନିର୍ବାଚନୀ ବଣ୍ଡ ଆସିଥିଲା। ଏଥିରେ ସ୍ୱଚ୍ଛତା ଥିଲା। ଦିନେ ସମସ୍ତେ ଏଥିପାଇଁ ଅନୁତାପ କରିବେ ବୋଲି କହିଥିଲେ। ଏହାକୁ ନେଇ ଆଜି ମୋଦିଙ୍କୁ ରାହୁଲ ଟାର୍ଗେଟ କରିଛନ୍ତି। ତେବେ ରାହୁଲଙ୍କ ଏପରି ସମାଲୋଚନାକୁ ବିଜେପି ସହଜରେ ହଜମ କରିନାହିଁ। ବିଜେପିର ଥିରୁଅନନ୍ତପୁରମ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, "ପାଣ୍ଡି ଯୋଗାଣ ଓ ସନ୍ଦେହଜନକ ଅବସ୍ଥାରେ ଆସିଥିବା ଟଙ୍କା ସମ୍ପର୍କରେ ମତ ରଖିବାରେ ରାହୁଲ ଗାନ୍ଧି ଶେଷ ବ୍ୟକ୍ତି। ଆମେ ବୋଫୋର୍ସ ବିଷୟରେ ଜାଣିଛୁ। ତାଙ୍କ ପରିବାର ଯେଉଁ ସବୁ ଦୁର୍ନୀତିର ଲିଜେଣ୍ଡାରୀ, ସେସବୁ ବିଷୟରେ ଆମେ ସମସ୍ତେ ଜାଣିଛେ।" ୨୦୧୭ରେ ମୋଦି ସରକାର ଆଣିଥିବା ନିର୍ବାଚନୀ ବଣ୍ଡକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହ ଏହାକୁ ରଦ୍ଦ କରି ଦେଇଥିଲେ। ଏହାପରେ ବଣ୍ଡ ତଥ୍ୟ ସାର୍ବଜନୀନ କରିବାକୁ କହିଥିଲେ। ବଣ୍ଡ ଦ୍ୱାରା ଏକାଧିକ କମ୍ପାନୀ ବିଜେପିକୁ ସର୍ବାଧିକ ଚାନ୍ଦା ଦେଇଥିବାରୁ ଏହାକୁ ବିରୋଧୀ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ରାହୁଲ ଗାନ୍ଧି ଆଜି ଆହୁରି ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୁଖ୍ୟ ପ୍ରସଙ୍ଗକୁ ▶▶ପୃଷ୍ଠା ୭

## ବାଲାଟ ଭୋଟିଂ ବିରୋଧରେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬/୪ : ଇଭିଏମ ବା ବୈଦ୍ୟୁତିକ ମତଦାନ ଯନ୍ତ୍ର ଦ୍ୱାରା ହେଉଥିବା ଭୋଟ ସହ ଭିଭିପ୍ୟାଟ ସିଷ୍ଟମ ଦ୍ୱାରା ଦୃଶ୍ୟମାନ ହେଉଥିବା କାଗଜ ଖଣ୍ଡର ପୁନଃ ଯାଞ୍ଚ କରି ନିର୍ବାଚନ ରେଜଲ୍ଟ ପ୍ରକାଶ କରିବା ପାଇଁ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ ପୂର୍ବରୁ ▶▶ପୃଷ୍ଠା ୭

## ୟୁପିଏସସି ପରୀକ୍ଷା ଫଳ ପ୍ରକାଶ: ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର, ଓଡ଼ିଆ ପୁଅ ଅନିମେଶ ପ୍ରଧାନ ଦ୍ୱିତୀୟ

ନୂଆଦିଲ୍ଲୀ, ୧୬/୪ : ସର୍ବଭାରତୀୟ ପ୍ରଶାସନିକ ସେବା ଟଚଝଉ, ୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଓଡିଆ ପୁଅ ଅନିମେଶ ପ୍ରଧାନ ଏବଂ ତୃତୀୟ ସ୍ଥାନରେ ଡୋନୁରୁ ଅନନ୍ୟା ରେଡ୍ଡୀ। ୟୁପିଏସସି ପ୍ରତିବର୍ଷ ତିନୋଟି ପର୍ଯ୍ୟାୟରେ ସିଭିଲ ସର୍ଭିସେସ୍ ପରୀକ୍ଷା କରାଇଥାଏ, ଏଥିରେ ଭାରତୀୟ ପ୍ରଶାସନିକ ସେବା (ଓଇଝ), ଭାରତୀୟ ବୈଦେଶିକ ସେବା ଏବଂ ଭାରତୀୟ ପୁଲିସ ସେବାର ଅଧିକାରୀ ଚୟନ କରାଯାଇଥାଏ। ▶▶ପୃଷ୍ଠା ୭

## ମୁଁ କେଜ୍ରିୱାଲ, ଆତଙ୍କବାଦୀ ନୁହେଁ...

ନୂଆଦିଲ୍ଲୀ, ୧୬/୪ : ମୋ ନାଁ ଅରବିନ୍ଦ କେଜ୍ରିୱାଲ। ମୁଁ ଆତଙ୍କବାଦୀ ନୁହେଁ। ପ୍ରଧାନମନ୍ତ୍ରୀ ଜୀ ଆପଣଙ୍କୁ ଲାଜ ଲାଗୁ ନାହିଁ କି ? ଆପଣ ଘୃଣାରେ ଏତେ ଅନ୍ଧ ହୋଇଯାଇଛନ୍ତି ଯେ, ମୋତେ ମୋ ପରିବାରକୁ ଦେଖା କରିବାକୁ ଦେଉ ନାହାନ୍ତି। ଆପଣ ଯେତେ ବଳ ପ୍ରୟୋଗ କଲେ ମଧ୍ୟ ମୁଁ ଭାଙ୍ଗିବି ନାହିଁ। ମୁଁ ଏ ଦେଶର ପୁଅ ତଥା ଲୋକମାନଙ୍କର ସେବକ ଭାବେ କାମ କରିବି।' ତିହାର ଜେଲ ଭିତରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଚିଠି ଲେଖି ଲୋକଙ୍କ ନିକଟକୁ ଏଭଳି କିଛି ବାର୍ତ୍ତା ପଠାଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଆପ୍ ନେତା ସଞ୍ଜୟ ସିଂହ ତିହାର ଜେଲରୁ କେଜ୍ରିୱାଲ ଦିଲ୍ଲୀବାସୀଙ୍କ ପାଇଁ ଲେଖିଥିବା ଚିଠିକୁ ପଢ଼ିଛନ୍ତି। ଏଥିସହ ସେ ବିଜେପି ଉପରେ ଜୋରଦାର ବର୍ଷିଛନ୍ତି। ପ୍ରଧନାମନ୍ତ୍ରୀଙ୍କ ମନରେ କେଜ୍ରିୱାଲଙ୍କ ପ୍ରତି

ଘୃଣା ଭାବନା ଭର୍ତ୍ତି ହୋଇ ରହିଛି। ଏଥିପାଇଁ ସେ ଦେଶର ରାଜଧାନୀର ମୁଖ୍ୟମନ୍ତ୍ରୀଙ୍କ ସହ ଏଭଳି ବ୍ୟବହାର କରୁଛନ୍ତି। ତାଙ୍କୁ ୨୪ ଘଣ୍ଟା ସିସିଟିଭି ସର୍ଭେଲାନ୍ସରେ ରଖାଯାଇ

## ଛାତ୍ର/ ଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୋରେଇ, ୧୬/୪ (ନି.ପ୍ର): ପାଣିକୋଇଲିସ୍ଥିତ ମା ତାରିଣୀ ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୋରାଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମୋହନ ଚରଣ ଖୁଂଟିଆ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ଡକ୍ଟର୍ ପ୍ରତାପ ଚନ୍ଦ୍ର ତ୍ରୀପାଠୀ,ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଅଧ୍ୟାପିକା ପାର୍ବତୀ ନାଥ, ଅଧ୍ୟାପକ ମଦନମୋହନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଯଶୋବନ୍ତ ଓଝା,ପ୍ରଜ୍ଞାସା ସାମଲ, ଦିପ୍ତିମୟୀ ସ୍ୱାଇଁ,ବସୁମତି ପାଲଟା ସମେତ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟାରର ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୬/୪ (ନି.ପ୍ର): ଚଳିତ ବର୍ଷ ନିର୍ବାଚନ ସହ ରଥଯାତ୍ରାର ଆୟୋଜନ ନିଶ୍ଚିତ ଭାବେ ଏକ ଆହ୍ୱାନ । ତେବେ ସମ୍ମିଳିତ ଉଦ୍ୟମ ଓ ପାରସ୍ପରିକ ସହଯୋଗ ଦ୍ୱାରା ଏହାକୁ ଆମେ ସଫଳ କରିବା । ତେଣୁ ପ୍ରତ୍ୟେକ ବିଭାଗ ସେମାନଙ୍କ ବିଭାଗୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏସପି ପିନାକ ମିଶ୍ର ପ୍ରତ୍ୟେକ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏସପି ପିନାକ ମିଶ୍ର ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଯାତ୍ରୀ ମାନଙ୍କ ସୁବିଧା ପାଇଁ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବା, ଗାଡ଼ି ଗୁଡିକ ପରିବହନକୁ ସୁ ନିୟନ୍ତ୍ରିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।ରଥକାଠ ସଂଗ୍ରହ, ରଥ ନିର୍ମାଣ ସମ୍ପର୍କରେ ଦୃଷ୍ଟି ଦେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଚଳିତ ବର୍ଷ ମଇ ୧୦ ତାରିଖ ଅକ୍ଷୟ ତୃତୀୟାରେ ରଥ ଅନୁକୂଳ, ଜୁନ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୭ ତାରିଖରେ ଶ୍ରୀ ଗୁଣ୍ଡିଚା, ଜୁଲାଇ ୧୨ ତାରିଖରେ ରଥ ଦକ୍ଷିଣ ମୋଡ, ଜୁଲାଇ ୧୪ ତାରିଖରେ ସଂଧ୍ୟା ଦର୍ଶନ, ଜୁଲାଇ ୧୫ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୧୭ ତାରିଖରେ ସୁନା ବେଶ ଓ ୧୮ ତାରିଖରେ ଅଧରପଣା ନୀତି ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ସେହିପରି ରଥ ନିର୍ମାଣ ପାଇଁ ୮୬୫ କାଠର ଆବଶ୍ୟକତା ଥିବା ବେଳେ ପୂର୍ବ ବର୍ଷର ୫୩ ଖଣ୍ଡ କାଠ ବଳକା ଥିବାରୁ ଚଳିତ ବର୍ଷ ଆଉ ୮୧୨ ଖଣ୍ଡ କାଠର ଆବଶ୍ୟକତା ଥିବା ଜଣାଇବା ସହ ଜଙ୍ଗଲ ବିଭାଗ ନିର୍ଦ୍ଧାରିତ ସମୟରେ ଏହା ପ୍ରଦାନ କରିବେ । ରଥ ପାଇଁ ବିଭିନ୍ନ ରଙ୍ଗର ୧୫୪୨ ମିଟର ରଥ କପଡା, ଲାଗି ଲୁଗା,ଝୁଣା, ଚନ୍ଦନ କାଠ,ରଥ ଦଉଡା ଇତ୍ୟାଦି ର ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତିକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷା ଇତ୍ୟାଦିକୁ ଯୁଗ୍ମ ତଦନ୍ତ ମାଧମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ, କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟଦା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର, ପୂର୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ପ୍ରଶାସନ ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୧୬/୪ (ନି.ପ୍ର): ଜିଲ୍ଲା ପ୍ରଶାସନ ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହୋଇଯାଇଛି । ଆମେ ସମ୍ବିଧାନ ପ୍ରତି ଯେତେ ଉତରଦାୟୀ ରହିବା, ସମ୍ବିଧାନର ନୀତି ନିୟମ ପ୍ରତି ଯେତେ ଅଧିକ ପ୍ରତିବଦ୍ଧ ଓ ଅଙ୍ଗୀକାରବଦ୍ଧ ହେବା, ତାହା ହିଁ ହେବ ସାମାଜିକ ନ୍ୟାୟ ଆନ୍ଦୋଳନର କର୍ଣ୍ଣଧାର, ସମତା ସମ୍ପନ୍ନ ସମାଜ ଗଠନର ଅନନ୍ୟ ରୂପକାର ବାବାସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଭାରତୀୟ ସମ୍ବିଧାନର ମୁଖ୍ୟ ବିନ୍ଧାଣୀ ଡକ୍ଟର ଆମ୍ବେଦକରଙ୍କର ୧୩୩ ତମ ଜୟନ୍ତୀ ପାଳନ ସମାରୋହରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ତା ସହ କହିଛନ୍ତି ତାଙ୍କ ପଂଚଭୂତର ଶରୀର ମାଟିରେ ବିଲୀନ ହୋଇଛି ସତ ମାତ୍ରେ ଏବେ ବି ଜୀବିତ ଆମ ଚେତନାରେ, ବିଚାରରେ, ଶାସନ-ପ୍ରଶାସନରେ । ତାଙ୍କ ଜୀବନ ଶିକ୍ଷାର ଏକ ଅସରନ୍ତି ଭଣ୍ଡାର । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳନ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ ଓ ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ । ଭାରତରତ୍ନ ତଥା ଭାରତୀୟ ସମ୍ବିଧାନର ମୁଖ୍ୟ ବିନ୍ଧାଣୀ ଡକ୍ଟର ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ଜ୍ୱାଳନ କରି ଜୟନ୍ତୀ ପାଳନ ସମାରୋହ କୁ ଶୁଭାରମ୍ଭ କରିଥିଲେ ମୁଖ୍ୟ ଅତିଥି । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର(ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ପଲ୍ଲବୀ ପ୍ରିୟଦର୍ଶିନୀ, ପଲ୍ଲବୀ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାପାଳଙ୍କୁ ରବି ଧାନ ମଣ୍ଡିର ସୁପରିଚାଳନା ପାଇଁ କୃଷକ କଲ୍ୟାଣ ମଂଚ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୫ ଅପ୍ରେଲ (ହି.ସ.)- କୋରାପୁଟ ଜିଲାପାଳଙ୍କୁ କୃଷକ କଲ୍ୟାଣ ମଂଚ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଜିଲାପାଳ କୀର୍ତି ଭାସନ ଭି ଙ୍କୁ ରବି ଧାନ ମଣ୍ଡିର ସୁପରିଚାଳନା ପାଇଁ କୃଷକ କଲ୍ୟାଣ ମଂଚ କୋରାପୁଟଙ୍କୁ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମଇ ମାସ ୨୦ ତାରିଖ ଠାରୁ ମଣ୍ଡି ଆରମ୍ଭ କରାଯାଇ ଧାନ କ୍ରୟ କରାଯାଉ, ଧାନମଣ୍ଡି ଗୁଡିକ ସଂମ୍ପୁଣ୍ଣ ରୁପେ ମିଲରଙ୍କ ଇଚ୍ଛାରେ ପରିଚାଳନିତ ହେଇଛି । ନିଜର ସ୍ୱାର୍ଥ ସାଧନ ପାଇଁ ସରକାରଙ୍କ ସମସ୍ତ ନୀତି ନିୟମକୁ ଉଲଘଂନ କରି ଚାଷୀଙ୍କୁ ଶୋଷଣ, ଲୁଣ୍ଠନ, ଅତ୍ୟାଚାର କରି ଚାଷୀଙ୍କ ମନୋବଳ ଭାଙ୍ଗୀ ମାଲାମାଲ ହେଉଥିବା ବେଳେ ପ୍ରଶାସନ, ଯୋଗାଣ ବିଭାଗ, ସମବାୟ ବିଭାଗ, ନିୟନ୍ତ୍ରିତ ବଜାର କମିଟି, କ୍ରୟକାରି ସଂସ୍ଥା, ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଧିକାରି ମଣ୍ଡି ପରିଚାଳନାର ସମସ୍ତ ଦାୟିତ୍ୱ ମିଲରଙ୍କୁ ଦେଇ ଚାଷୀଙ୍କୁ ଲୁଟ୍ କରିବାର ସମସ୍ତ ସୁଯୋଗ ଦେବାରେ କୌଣସି ଅବହେଳା କରୁ ନାହାଁନ୍ତି । ମଣ୍ଡିକୁ ଚାଷୀ ନିଜେ ଗାଡି ବ୍ୟବସ୍ଥା କରି ମିଲରଙ୍କ ପାଖରେ ଧାନ ପହଂଚାଇ ଦେଲା ପରେ ମିଲର ନିଜ ଇଚ୍ଛାମୁତାବକ ଏଫ.ଏ .କ୍ୟୁର ଆଳ ଦେଖାଇ ଧାନ କାଟି ମିଲ ସିଲ୍ପ ଦେବା ପରୋ କ୍ରୟକାରୀ ସଂସ୍ଥା ଧାନ ପ୍ରବେଶ କରିଥାନ୍ତି, ଏହି ପ୍ରଥା ସମ୍ପୁଣ୍ଣ ବନ୍ଦ କରାଯାଉ । ରବି ଋତୁରେ ବର୍ଷାରେ ଯଥେଷ୍ଟ ସମ୍ଭାବନା ଥିବା ଓ ଆରଏମସିର ଭିତିଭୂମି ବହୁ ମଣ୍ଡିରେ ନଥିବାରୁ ଦୈନିକ ୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ସହିତ ଆବଶ୍ୟକ ଧାନ ପରିବହନ ସକାଶେ ଗାଡି, ଖଲାସୀ ଟାର୍ପିନ ବ୍ୟବସ୍ଥା ସହିତ ଅସ୍ଥାୟୀ ସେଡ୍ ନିର୍ମାଣ କରାଯାଉ । ଧୀନ ବିକ୍ରି ପରେ ଚାଷୀ ମାସ ମାସ ଧରି ବିକ୍ରି ଅର୍ଥ ପାଇ ପାରୁନାହାଁନ୍ତି । ତେଣୁ ଯୋଗାଣ ବିଭାଗ ଓ ସମବାୟ ବିଭାଗ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି । ଡି.ଏଲ.ପି.ସି ବୈଠକରେ ବୋରିଗୁମ୍ପାସ ବୈପାରିଗୁଡା ଓ ଅନ୍ୟ ଧାନ ଉତ୍ପାଦିକ ବ୍ଲକର ଚାଷୀଙ୍କୁ ଭାଗ ନେବାକୁ ସୁଯୋଗ ଦିଆଯାଉ । ଅନ୍ୟ ରାଜ୍ୟ ପରି ଓଡଶା ସରକାର ଧାନ କ୍ରୟ ଉପରେ ପିଛିଲା ରୁପେ ବୋନସ ଦେବାର ବ୍ୟବସ୍ଥା କରାଯାଉ, ଆରଏମସି ମଣ୍ଡି ଗୁଡିକରେ ଭିତିଭୂମି ଉନ୍ନତି କରିବା ସହିତ କ୍ରୟକାରୀ ସଂସ୍ଥା ପ୍ରଶାସନ ସମବାୟ ବିଭାଗ, ମିଶନ ଶକ୍ତି ନିଜର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଦାବି କରାଯାଇଛି ।

## ଶତ ପ୍ରତିଶତ ଭୋଟ ଦାନ ପାଇଁ ଭୋଟରମାନଙ୍କୁ ପଦକ୍ଷେପ

ଝାରସୁଗୁଡ଼ା,୧୫ ଅପ୍ରେଲ (ହିସ) - ଆଗାମୀ ସାଧାରଣ ନିର୍ବାଚନରେ ଜିଲ୍ଲାରେ ଶତ ପ୍ରତିଶତ ଭୋଟ ଦାନ ପାଇଁ ଭୋଟର ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତଥା ସ୍ୱିପ ନୋଡାଲ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଂଜୀବ ପଟେଲ, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ ଜିଲ୍ଲାର ସମସ୍ତ ଭୋଟରମାନେ ବୁଥ୍ କୁ ଯିବା ଓ ନିଜର ମତାଧିକାର ସାବ୍ୟସ୍ତ କରିବା ଦିଗରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ସବୁ ବୁଥ୍ ରେ ଗତ ନିର୍ବାଚନ ସମୟରେ ମତଦାନ ହାର କମ୍ ଥିଲା ସେ ସବୁ ବୁଥ୍ ରେ ମତ ଦାନ ହାର ବୃଦ୍ଧି ପାଇଁ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ମାନ ଗ୍ରହଣ ପାଇଁ କୁହାଯାଇଛି । ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନରେ ସବୁ ଭୋଟରମାନେ ଯେପରି ଅଂଶ ଗ୍ରହଣ କରିବେ ସେଥିପାଇଁ ସମସ୍ତେ ଆନ୍ତରିକତାର ସହ ଉଦ୍ୟମ କରିବାକୁ କୁହାଯାଇଛି । ଶିଳ୍ପାନୁଷ୍ଠାନ, ବ୍ୟାଙ୍କ,କୋଠାବାଡ଼ି ନିର୍ମାଣାଧୀନ ସ୍ଥଳୀରେ କାର୍ଯ୍ୟରତ ଶ୍ରମିକ ମାନେ ମଧ୍ୟ ଯେପରି ଆଗାମୀ ମଇ ମାସ ୨୦ତାରିଖରେ ଝାରସୁଗୁଡ଼ାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ମତଦାନ କରିବେ ସେଥିପାଇଁ ଆଲୋଚନା ହୋଇଥିଲା ।

## ଟେରାକୋଟାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୧୬/୪ (ନି.ପ୍ର): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ମତଦାନ ହାର ବଢାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଭୋଟରଙ୍କୁ ସଚେତନ କରିବାକୁ ପ୍ରୟାସ ଚାଲିଛି । ସେହି କ୍ରମରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ଆବାସ ପାଖରେ ଥିବା ଏସଏଚଜି ଆଉଟ ଲେଟ ଠାରେ ମହିଳା ମାନଙ୍କ ଦ୍ୱାରା ଟେରାକୋଟା ମାଧମରେ ଭୋଟରଙ୍କୁ ସଚେତନ କରାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆଉଟଲେଟରେ ଥିବା ପାଣି ମାଠିଆ ମାନଙ୍କୁ ମତଦାତା ନିଶ୍ଚୟ ଭୋଟଦେବାକୁ ବାର୍ତା ଲେଖି ପ୍ରଦର୍ଶିତ ଓ ବିକ୍ରୟ କରାଯାଇଛି । ଗ୍ରାହକମାନେ ମଧ୍ୟ ନିର୍ବାଚନ ପର୍ବରେ ସାମିଲ ନିଶ୍ଚୟ ମତସାବ୍ୟସ୍ତ କରିବାକୁ ଆଗ୍ରହ ପ୍ରକାଶ କରି ଏହି ମାଠିଆ କିଣୁଥିବା ଲକ୍ଷ୍ୟ କରାଯାଇଥିଲା । ସକାଳ ୯ଟାରେ ଜିଲ୍ଲା ପରିଷଦର ସିଇଓ ପ୍ରଭାତ ମହାପାତ୍ର, ଓରମାସ ସିଇଓ କମଳେନ୍ଦୁ ପଲ, ମିଶନ ଶକ୍ତି ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁଙ୍କ ଉପସ୍ଥିତିରେ ମିଶନଶକ୍ତିର ମହିଳାମାନେ ଏହାକୁ ପ୍ରଦର୍ଶନ କରିଥିଲେ ।

## ଜିଲ୍ଲା ଦଳିତ ବିକାଶ ମଂଚ, ବଲାଙ୍ଗୀର ଦ୍ୱାରା ଆମ୍ବେଦକର ଜୟନ୍ତୀ ପାଳିତ

ବଲାଙ୍ଗୀର, ୧୬/୪ (ନି.ପ୍ର): ବିଶ୍ୱ ରତ୍ନ ବୋଧିସତ୍ତ୍ୱ ବାବାସାହେବ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ସ୍ଥାନୀୟ ଯାଦବ ଭବନ ରେ ମହାସମାରୋହରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଧୀମାନ ନାଟରାଜ ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଆମ୍ବେଦକର ବାଦୀ ଧୀମାନ ଘନଶ୍ୟାମ ମହାନନ୍ଦ, ଗୋପବନ୍ଧୁ ଜଗଦଳା, ଲୋକନାଥ ସୁନା(କ), ଦଣ୍ଡୁଆ କୁମ୍ଭାର ପ୍ରମୁଖ ମଂଚାସୀନ ଥିଲେ. ମାନସିକତା ଓ ପ୍ରକୃତିର ପରିବର୍ତନ ବିନା ସମାଜରେ ସମାନତା ଆସିବ ନାହିଁ ବୋଲି ଯୁବବକ୍ତା ଅଧାପକ ପ୍ରିୟବ୍ରତ ନାଗ ମତ ପୋଷଣ କରିଥିଲେ. କୁନି ବକ୍ତା ଅରବିନ୍ ମୋଜେସ ତାଣ୍ଡି ଇଂରାଜୀରେ ବକ୍ତବ୍ୟ ଦେଇ ସମସ୍ତଙ୍କୁ ବିମୋହିତ କରିଥିଲେ.ସମ୍ପାଦକ ଧୀମାନ ଭୁବନ ନାଗ ଅନୁଷ୍ଠାନର ପ୍ରଗତି ଉପରେ ଆଲୋକପାତ କରି ଅତୀତରେ ଅନୁଷ୍ଠାନ ତରଫରୁ ଆୟୋଜିତ ବୃକ୍ଷ ରୋପଣ ଓ ଆମ୍ବେଦକର ଭବନ ନିର୍ମାଣ ପାଇଁ ହୋଇଥିବା ଭିତି ସ୍ଥାପନ ଉପରେ ବିବରଣୀ ଉପସ୍ଥାପନା କରିଥିଲେ. ସୁଶ୍ରୀ ପ୍ରିୟାଂଶି ମହାନନ୍ଦ ସ୍ୱାଗତ ଗୀତ ଗାଇଥିଲେ. ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ସନ୍ତୋଷିନୀ ବାରିକ, ପ୍ରିୟଙ୍କା, ସୋନାଲି, ତ୍ରିଶା ଗୀତ ନୃତ୍ୟ ପରିବେଷଣ କରିଥିଲେ. ବରିଷ୍ଠ ସଭ୍ୟ ଲୋକନାଥ ସୁନା(ଖ)ସ୍ୱାଗତ କରିଥିବାବେଳେ ବୀରେନ୍ଦ୍ର ରାଏ ଧନ୍ୟବାଦ ଦେଇଥିଲେ. ସମଗ୍ର କାର୍ଯ୍ୟକ୍ରମଟିକୁ କବି ନେପାଲ ବାଗ ସଂଯୋଜନା କରିଥିବାବେଳେ ଧୀମାନ ଯୁଗଲାଲ ଜଗଦଳା ମଂଚ ପରିଚାଳନାରେ ସହଯୋଗ କରିଥିଲେ. ଏହି ଅବସର ରେ ମହେନ୍ଦ୍ର ନାଗ, ରଘୁନାଥ ବାଗ, ଲଳିତ ମୋହନ ଦୀପ ଓ ରାମଚନ୍ଦ୍ର ଦୀପ ଅନୁଷ୍ଠାନର କାର୍

# କେବେ ଖାଇଛନ୍ତି 'ରାବିଡ଼ି ମାଲପୁଆ' ! ଆଜି ହିଁ ଘରେ ବନାନ୍ତୁ

*ଆବଶ୍ୟକ ସାମଗ୍ରୀ:*

ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ।

ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ।

କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜ୍‌ରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।

ଏବେ ପ୍ରସ୍ତୁତ କରିବା ମାଲପୁଆ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ।

ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ।

ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ।

ଏହାପରେ ଏକ କଡ଼େଇରେ ଘିଅ କିମ୍ବା ତେଲ ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ।

ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ।

ଛାଣିବା ପରେ ଏହାକୁ ଏକ ପ୍ଲେଟ୍‌କୁ ବାହାର କରି ରଖନ୍ତୁ।

ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ।

ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ।

ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା।

ଏହାପରେ ଏହି ଶିରାରେ ମାଲପୁଆ ଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ।

ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ

ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ 'ରାବିଡ଼ି ମାଲପୁଆ'। ଏବେ ଏହି ସୁଆଦିଆ ମିଠାକୁ ଅତିଥିମାନଙ୍କୁ ପରଷନ୍ତୁ।

# ପିଲାଙ୍କୁ ଦାୟିତ୍ୱବାନ ଓ ସବୁଥିରେ ପାରଙ୍ଗମ କରିବା ପାଇଁ ଶିଖାନ୍ତୁ ଏହି ସବୁ କାମ

ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ପିଲାମାନଙ୍କୁ ଘର କାମ କରିବାକୁ ଅନୁମତି ଦେଲେ ଏହା ସେମାନଙ୍କର ଆତ୍ମ ସମ୍ମାନକୁ ବଢାଇଦେଇଥାଏ। ଏହିସବୁ ଛୋଟ ଛୋଟ କାମ ସେମାନଙ୍କ ବ୍ୟକ୍ତିତ୍ୱରେ ଚମତ୍କାର ଆଣିଥାଏ। ଏହା ମଧ୍ୟ ସେମାନଙ୍କ ପାଖରେ ଟିମ୍ ୱାର୍କ କରିବାର ଭାବନାକୁ ଜାଗ୍ରତ କରେ।

ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଯେତେବେଳେ ଆମେ ପିଲାମାନଙ୍କୁ ଘର କାମ କରିବାକୁ ଅନୁମତି ଦେଇଥାଉ କିମ୍ବା ସେମାନେ କୌଣସି ଜରୁରୀ କାମକୁ କରିବା ଆରମ୍ଭ କରନ୍ତି, ଏହା ସେମାନଙ୍କର ଆତ୍ମ ସମ୍ମାନକୁ ବଢାଇଦେଇଥାଏ। ଏହିସବୁ ଛୋଟ ଛୋଟ କାମ ସେମାନଙ୍କ ବ୍ୟକ୍ତିତ୍ୱରେ ଚମତ୍କାର ଆଣିଥାଏ। ଏହା ମଧ୍ୟ ସେମାନଙ୍କ ପାଖରେ ଟିମ୍ ୱାର୍କ କରିବାର ଭାବନାକୁ ଜାଗ୍ରତ କରେ।

ଏକ ସୂଚନା ଅନୁଯାୟୀ ଯେତେବେଳେ ପିଲାମାନେ ପିଲାଦିନରୁ ଘରର ଦାୟିତ୍ୱ ବୁଝିବା ଆରମ୍ଭ କରନ୍ତି ଏବଂ କାମରେ ସାହାଯ୍ୟ କରିବାକୁ ଶିଖନ୍ତି, ସେତେବେଳେ ଏହି ଅଭ୍ୟାସ ବଡ଼ ହେବା ପରେ ମଧ୍ୟ ସେମାନଙ୍କ ଉପରେ ପ୍ରଭାବ ପକାଏ ଏବଂ ସେମାନଙ୍କ ଉପକାର କରିଥାଏ। ଏହିପରି ପିଲାମାନେ ଟିମ୍ ୱାର୍କରେ ମାହିର ହୋଇଯାଆନ୍ତି ଏବଂ

ସେମାନଙ୍କର ଆତ୍ମ ସମ୍ମାନ ବଢିଯାଏ। ସେମାନେ ମଧ୍ୟ ନିଜ ପାଇଁ ଗର୍ବ ଅନୁଭବ କରନ୍ତି।

ଘରର କାମ କରିବା ସେମାନଙ୍କ ମଧ୍ୟରେ ଲିଙ୍ଗଗତ ସମାନତା ବଢାଇଥାଏ ଏବଂ ସେମାନେ କାମର ଭାର ବାଣ୍ଟିବାକୁ ଶିଖନ୍ତି। ଏହି ସମସ୍ତ ଜିନିଷ ସେମାଙ୍କ ବ୍ୟକ୍ତିତ୍ୱର ଉନ୍ନତି ଏବଂ ଆତ୍ମସମ୍ମାନ ପାଇବାରେ ସାହାଯ୍ୟ କରେ। ପିଲାମାନଙ୍କୁ ଘର କାମ କରିବା ଏବଂ ନୂଆ ଜିନିଷ ଶିଖିବା ଦ୍ୱାରା, ସେମାନଙ୍କ ଅନ୍ୟାନ୍ୟ ଅନେକ କୌଶଳ ମଧ୍ୟ ଦ୍ରୁତ ଗତିରେ ବିକାଶ ହୁଏ।

ଯଦି ଆପଣ ୫ ବର୍ଷ ପରେ ନିଜ ପିଲାଙ୍କୁ ସେମାନଙ୍କ ବୟସ ଅନୁସାରେ କାମ ଦିଅନ୍ତି, ତେବେ ସେମାନେ କାମ ଶେଷ କରିବାର ଗୁରୁତ୍ୱକୁ ଅନୁଭବ କରନ୍ତି ଏବଂ ସେମାନେ କାମକୁ ଅସମ୍ପୂର୍ଣ୍ଣ କରିବା ବନ୍ଦ କରନ୍ତି। ଏହା ମଧ୍ୟ ସେମାନଙ୍କର ଧୈର୍ଯ୍ୟ ଶକ୍ତିକୁ ବଢାଇଥାଏ ଏବଂ ସେମାନେ ଘରେ ଏବଂ ଶିକ୍ଷାନୁଷ୍ଠାନରେ ଦାୟିତ୍ୱପୂର୍ଣ୍ଣ ଭାବରେ କାମ କରନ୍ତି।

ଯେତେବେଳେ ସେମାନେ ଘରେ କୌଣସି ଜିନିଷ ସଫା କରିବା ଶିଖନ୍ତି, ଧୂଳି ସଫା କରନ୍ତି ଏବଂ ଜିନିଷଗୁଡ଼ିକ ଯତ୍ନ ନେବାର ଶିଖନ୍ତି ଏହା ସେମାନଙ୍କ ଅଭ୍ୟାସକୁ ବିକଶିତ କରେ। ଏହି ଉପାୟରେ ସେମାନେ ନିଜକୁ ଯଥେଷ୍ଟ ଯୋଗ୍ୟ ବିବେଚନା କରିବାକୁ ସକ୍ଷମ ହୁଅନ୍ତି ଏବଂ ଛୋଟ ଛୋଟ କାମ ପାଇଁ ସେମାନେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି ନାହିଁ।

ଯେତେବେଳେ ଆପଣ ସେମାନଙ୍କୁ ବଗିଚା କିମ୍ବା ରୋଷେଇ କାମରେ ସାହାଯ୍ୟ କରିବାକୁ କୁହନ୍ତେ। ଏବଂ ସେମାନେ ଧୀରେ ଧୀରେ ବଗିଚାର ଯତ୍ନ ନେବାକୁ ଶିଖନ୍ତି, ସେମାନେ ନିଜର ଯତ୍ନ ନେବାର ମୌଳିକ ଉପାୟଗୁଡିକ ମଧ୍ୟ ଶିଖିବା ଆରମ୍ଭ କରନ୍ତି। ଏହିପରି ଭାବେ ସେମାନେ ପାଣି, ଖାଦ୍ୟ, ପରିଷ୍କାର ପରିଚ୍ଛନ୍ନତା, ବାୟୁ, ସମୟ ସାରଣୀ ଇତ୍ୟାଦିର ମୂଲ୍ୟ ଜାଣିବା ଆରମ୍ଭ କରନ୍ତି ଏବଂ ସେମାନେ ନିଜେ ଏସବୁ ଉପରେ ମାହିର ହୋଇଯାଆନ୍ତି।

ପିଲାଦିନରୁ ଛୋଟ ଛୋଟ କାମ ଶିଖିବା ଦ୍ୱାରା ସେମାନେ କେବଳ ନିଜର ନୁହେଁ ବରଂ ପରିବାରର ମଧ୍ୟ ଯତ୍ନ ନେବାକୁ ଶିଖନ୍ତି। ଉଦାହରଣ ସ୍ୱରୂପ କିଏ କ'ଣ ଖାଇବାକୁ ପସନ୍ଦ କରେ, ସମସ୍ତେ ଠିକଭାବେ ଖାଇଲେଣି କି ନାହିଁ, ଯଦି କେହି ଅସୁସ୍ଥ ଅଛନ୍ତି ତାଙ୍କୁ କ'ଣ ଦରକାର ଅଛି ଏସବୁ ସେମାନେ ଶିଖିବା ଆରମ୍ଭ କରନ୍ତି ଏବଂ ଯତ୍ନବାନ ହୁଅନ୍ତି। ଏହି ଉପାୟରେ ସେମାନେ ନିଜ ତଥା ଅନ୍ୟମାନଙ୍କ ଆଖିରେ ନିଜର ମୂଲ୍ୟକୁ ବୃଦ୍ଧି କରିବାକୁ ସକ୍ଷମ ହୁଅନ୍ତି ଏବଂ ସେମାନଙ୍କର ଆତ୍ମସମ୍ମାନ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗେ।

# ସ୍ୱାସ୍ଥ୍ୟ ମନ୍ତ୍ର: ଦୃଷ୍ଟି ହରଣକାରୀ ଗ୍ଲୁକୋମା

ଗ୍ଲୁକୋମା ବା କଳା ମୋତିଆବିନ୍ଦୁ ଏକ ଲକ୍ଷଣବିହୀନ ମାରାତ୍ମକ ଚକ୍ଷୁରୋଗ, ଯାହା ମନୁଷ୍ୟକୁ ସମ୍ପୂର୍ଣ୍ଣ ଅନ୍ଧ କରିଦେଇଥାଏ। ତେଣୁ ସମସ୍ତେ ଏହାର କାରଣ, ଆଶଙ୍କା ଓ ଚିକିତ୍ସା ସମ୍ପର୍କରେ ଜାଣିବା ଗୁରୁତ୍ୱପୂର୍ଣ୍ଣ। ଆମ ଶରୀରରେ ରକ୍ତଚାପ ପରି ଚକ୍ଷୁର ମଧ୍ୟ ଚାପ ଥାଏ। ଏହି ଚାପ ସାଧାରଣ ସ୍ତରଠାରୁ ଅଧିକ ହେଲେ ଚକ୍ଷୁ ଭିତରେ ଥିବା ଦୃଷ୍ଟି ସ୍ନାୟୁର କ୍ଷତି ଘଟାଇ ମନୁଷ୍ୟକୁ ଅନ୍ଧ କରିଦେଇଥାଏ। ଗ୍ଲୁକୋମା ରୋଗର ଆରମ୍ଭରୁ ଯନ୍ତ୍ରଣା ପରି ଲକ୍ଷଣ ଦେଖାଦିଏ ନାହିଁ, ତେଣୁ ସାଧାରଣଲୋକ ଏଥିପାଇଁ ସଚେତନ ହୋଇପାରି ନ ଥାନ୍ତି। ତେଣୁ ସେମାନଙ୍କ ରୋଗ ନିରୂପଣ କଲାବେଳକୁ ସେମାନେ କିଛିମାତ୍ରାରେ ଦୃଷ୍ଟିଶକ୍ତି ହରାଇ ସାରିଥାନ୍ତି। ୪୦ ବର୍ଷ ବୟସରୁ ଅଧିକ ବୟସ୍କ ଲୋକଙ୍କ ଠାରେ

ଏହି ରୋଗର ଆଶଙ୍କା ଅଧିକ। ମଧୁମେହ ରୋଗୀ, ପରିବାରରେ ଗ୍ଲୁକୋମାର ଇତିହାସ, ଦୀର୍ଘ ସମୟ ଷ୍ଟେରଏଡ୍ ଔଷଧ ସେବନ, ଚକ୍ଷୁରେ ଆଘାତ, ଉଚ୍ଚ ରକ୍ତଚାପ, ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଅବହେଳା ଆଦି ଗ୍ଲୁକୋମାର ଆଶଙ୍କାକୁ ବଢ଼ାଇଦେଇଥାଏ। ଆଖିର ନିୟମିତ ପରୀକ୍ଷଣ ମାଧ୍ୟମରେ ଗ୍ଲୁକୋମା ନିରୂପଣ ସମ୍ଭବ। ଏଥିପାଇଁ ଚକ୍ଷୁ ବିଶେଷଜ୍ଞ ଆଖିର ଆଭ୍ୟନ୍ତରୀଣ ଚାପକୁ ମାପିଥାନ୍ତି; ଆଖିର ସ୍ନାୟୁ ପରୀକ୍ଷା କରି କେନ୍ଦ୍ରୀୟ ଏବଂ ପାର୍ଶ୍ୱ ତଥା ପରିପାର୍ଶ୍ୱ ଦୃଷ୍ଟିରୁ ମୂଲ୍ୟାଙ୍କନ କରିଥାନ୍ତି। ରୋଗ ନିରୂପଣ ହେବା ପରେ ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ। ଗ୍ଲୁକୋମା ଚିକିତ୍ସା ପାଇଁ, ଉଭୟ ରୋଗୀ ଓ ଡାକ୍ତରଙ୍କ ମିଳିତ ସହଯୋଗ ଆବଶ୍ୟକ। ଚିକିତ୍ସାର ଉଦ୍ଦେଶ୍ୟ ହେଉଛି ଆଗକୁ ଅଧିକ ଦୃଷ୍ଟିଶକ୍ତି ହ୍ରାସ ନ ପାଇବା। ରୋଗୀଙ୍କୁ ନିୟମିତ ଭାବେ ଆଖିରେ ଔଷଧ ପକାଇବାକୁ ପଡ଼ିଥାଏ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବେ ନାହିଁ କିମ୍ବା ଔଷଧ ବଦଳାଇବେ ନାହିଁ। ସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରାଥମିକ ଓ ସାମୂହିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଚକ୍ଷୁ ଶିବିର ଆୟୋଜନ କରି ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିଛନ୍ତି ଯଦ୍ୱାରା ଯଥାଶୀଘ୍ର କଳା ମୋତିଆବିନ୍ଦୁ ନିରାକରଣ ସମ୍ଭବ ହେବ।

# ଚୁଟିରେ ଏହି ଉପାୟରେ ଲଗାନ୍ତୁ ରସୁଣ ରସ: ପାଚିବ ନାହିଁ କି ଝଡ଼ିବ ନାହିଁ

ସୁସ୍ଥ ଏବଂ ପ୍ରାକୃତିକ ଉପାୟରେ ଚୁଟିର ବୃଦ୍ଧି କରିବାକୁ ଚାହୁଁଛନ୍ତି କି ? ଯଦି ଆପଣ କେଶର ସ୍ୱାସ୍ଥ୍ୟରେ ପ୍ରକୃତ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆମେ ଆପଣଙ୍କୁ ରସୁଣ ସହିତ କେଶର ଯତ୍ନ ନେବା ପାଇଁ କିଛି ଟିପ୍ସ କହିବୁ। ଜାଣନ୍ତୁ...

ଆଜିର ଖରାପ ଜୀବନଶୈଳୀ ଯୋଗୁଁ ଉଭୟ ପୁରୁଷ ଏବଂ ମହିଳା ସମସ୍ତେ କେଶ ସମ୍ବନ୍ଧୀୟ ସମସ୍ୟାରେ ପଡୁଛନ୍ତି। କାହାର କମ ବୟସରୁ ଚୁଟି ପାଚିଯାଉଛି ତ ଆଉ କାହାର ଚୁଟି ଉପୁଡୁଛି, କାହାର ଅଧାରୁ ଛିଡି ଯାଉଛି। ଏହାକୁ ଦୃଷ୍ଟିରେ ରଖି କେଶ ସମ୍ବନ୍ଧୀୟ ସମସ୍ୟା ପାଇଁ ବଜାରରେ ଏକରୁ ଅଧିକ ଚିକିତ୍ସା ଉପଲବ୍ଧ ହେଉଛି। କିନ୍ତୁ ଏହା କିଛି ମହଙ୍ଗା ହୋଇଥିବା ବେଳେ ଆଉ କିଛି କ୍ଷତିକାରକ ହୋଇଥାଏ।

ଏପରି ପରିସ୍ଥିତିରେ ଆପଣ ସୁସ୍ଥ ଏବଂ ପ୍ରାକୃତିକ ଉପାୟରେ ଚୁଟିର ବୃଦ୍ଧି କରିବାକୁ ଚାହୁଁଛନ୍ତି କି ? ଯଦି ଆପଣ କେଶର ସ୍ୱାସ୍ଥ୍ୟରେ ପ୍ରକୃତ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆମେ ଆପଣଙ୍କୁ ରସୁଣ ସହିତ କେଶର ଯତ୍ନ ନେବା ପାଇଁ କିଛି ଟିପ୍ସ କହିବୁ। ଏଥିରୁ ଅନେକ ଲାଭ ମିଳିପାରିବ। ରସୁଣରେ ଭିଟାମିନ୍ ବି, ଭିଟାମିନ୍ ସି,

ସେଲେନିୟମ୍ ଏବଂ ମାଙ୍ଗାନିଜ୍ ପରି ପର୍ଯ୍ୟାପ୍ତ ପରିମାଣର ପୋଷକ ତତ୍ତ୍ୱ ରହିଥାଏ, ଯାହା ଚୁଟିକୁ ଲମ୍ବା, ମୋଟା ଏବଂ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।

ରସୁଣ ରସର ଉପକାର:

କେଶକୁ ମଜବୁତ କରେ - କେଶରେ ରସୁଣ ରସ ବ୍ୟବହାର କରିବା ଅତ୍ୟନ୍ତ ଉପଯୋଗୀ ହୋଇପାରେ। କେଶକୁ ମଜବୁତ କରିବା ସହିତ ଏହାକୁ ନମନୀୟ କରିବା ପାଇଁ ଏହା ଉପଯୋଗୀ ବୋଲି ବିବେଚନା କରାଯାଏ। ରସୁଣ ରସରେ ସେଲେନିୟମ୍ ଏବଂ ସଲଫର୍ ମିଳିଥାଏ ଯାହା କେଶର ଶକ୍ତିକୁ ବଢାଏ।

କେଶ ଝଡିବାକୁ ରୋକେ - ଯଦିଓ ଆପଣ ଅତ୍ୟଧିକ କେଶ ଝଡ଼ିବାରେ ଅସୁବିଧାରେ ପଡିଛନ୍ତି, ତେବେ ଆପଣ ନିଜ କେଶରେ ରସୁଣ ରସ ଲଗାଇ ପାରିବେ। ଏହା କେଶ ଝଡିବାରୁ ମୁକ୍ତି ଦିଏ।

ରୂପିରୁ ମୁକ୍ତି - ରସୁଣ ରସ ବ୍ୟବହାର କରିବା ଦ୍ୱାରା ରୂପି ସମସ୍ୟା ମଧ୍ୟ ଦୂର ହୁଏ। ଏହାକୁ ନିୟମିତ ଭାବରେ କେଶରେ ବ୍ୟବହାର କରିବା ଦ୍ୱାରା ରୂପି ଦୂର ହୁଏ, ଖପୁରୀ କୁଣ୍ଡେଇ ହେବା ମଧ୍ୟ ବନ୍ଦ ହୁଏ।

କ୍ଷତିରୁ ରକ୍ଷା କରନ୍ତୁ - ସୂର୍ଯ୍ୟଙ୍କ କ୍ଷତିକାରକ କିରଣ କେବଳ ଚର୍ମକୁ କ୍ଷତି ପହଞ୍ଚାଏ ନାହିଁ ବରଂ ଏହା କେଶର ପ୍ରାକୃତିକ କିରାଟିନ୍ ପ୍ରୋଟିନ୍?କୁ ମଧ୍ୟ ଧୀରେ ଧୀରେ କ୍ଷତି କରେ, ଫଳରେ କେଶ ପାଚିଯାଏ। ଏପରି ପରିସ୍ଥିତିରେ, ଆପଣ କେଶର ଯତ୍ନ ପାଇଁ ରସୁଣ ରସ ବ୍ୟବହାର କରିପାରିବେ। ଏହା କେଶକୁ ରକ୍ଷା କରିଥାଏ ଏବଂ ଏହା ନଷ୍ଟ ହେବାକୁ ରୋକିଥାଏ।

କେଶ ବୃଦ୍ଧି - ଏହିପରି ଅନେକ ଭିଟାମିନ୍ ଏବଂ ମିନେରାଲ୍ସ ରସୁଣରେ ମିଳିଥାଏ ଯାହା କେଶକୁ ଲମ୍ବା କରିବାରେ ସାହାଯ୍ୟ କରେ। ରସୁଣ ରସ କେଶରେ ଲଗାଇବା ଦ୍ୱାରା ଦ୍ରୁତ ଗତିରେ କେଶ ବଢେ।

କିପରି କରିବେ ପ୍ରସ୍ତୁତ:

କିଛି କୋଳା ରସୁଣ ନେଇ ଟିକି ଟିକି କରି କାଟିଦିଅନ୍ତୁ ଏବଂ ଏହାକୁ ଭଲ ଭାବେ ଗ୍ରାଇଣ୍ଡ୍ କରନ୍ତୁ। ବର୍ତ୍ତମାନ ଏହି ରସରେ ଏକ ଚାମଚ ନଡ଼ିଆ କିମ୍ବା ଅଲିଭ୍ ତେଲ ମିଶାନ୍ତୁ ଏବଂ ଏହାକୁ କେଶର ମୂଳରେ ଭଲ ଭାବରେ ଲଗାନ୍ତୁ। ଏହାକୁ ବ୍ୟବହାର କରିବାର କିଛି ଦିନ ମଧ୍ୟରେ ଆପଣ ପାର୍ଥକ୍ୟ ଦେଖିବା ଆରମ୍ଭ କରିବେ।

# ସାବଧାନ: ଏହି ସବୁ ଖାଦ୍ୟ ଓ ପାନୀୟ କାରଣରୁ ତ୍ୱଚା ହୋଇଥାଏ ରୁକ୍ଷ

ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଜୁସ୍: ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।

ଗାଈ ଛେନା: ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର କାରଣ ପାଲଟିଥାଏ।

କଫି: କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର କଫି ପିଇବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ ପ୍ରଭାବ ପକାଇଥାଏ।

ଥଣ୍ଡା: ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ।

ଆଲ୍‌କହଲ: ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ପତ୍ତି ଓ ନିଷ୍ପତ୍ତି...

ଅବସରଟିଏ ମିଳିଥାଏ ଜନତାଙ୍କୁ ନିର୍ବାଚନ ସମୟରେ ସେମାନଙ୍କ ସାମ୍ନାରେ ନେତା ଭାବରେ ଉଭା ହେଉଥିବା ବ୍ୟକ୍ତିବିଶେଷ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କ ସମ୍ପତ୍ତି ସମ୍ପର୍କରେ ଜାଣିବାକୁ। କାରଣ, ନେତାମାନଙ୍କ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହେବା ବେଳେ– ତାହା ଲୋକସଭା ପାଇଁ ହେଉ ବା ଯେ କୌଣସି ରାଜ୍ୟର ବିଧାନସଭା ପାଇଁ, ସେମାନଙ୍କ ନିଜ ସହିତ ନିଜର ସମ୍ପର୍କୀୟମାନଙ୍କ ନାମରେ ରହିଥିବା ସମ୍ପତ୍ତିର ଏକ ତାଲିକା ପ୍ରଦାନ କରିବା ବାଧ୍ୟତାମୂଳକ । ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଭାବରେ ଗ୍ରହଣ କରାଯାଇଥାଏ, ଯେହେତୁ ଏହା ଭୋଟରମାନଙ୍କୁ ସେମାନଙ୍କ ପସନ୍ଦର ନେତା ନିର୍ବାଚିତ କରିବାରେ ସାହାଯ୍ୟ କରିଥାଏ। ତେବେ ନିକଟରେ ସୁପ୍ରିମ୍‌କୋର୍ଟ ଏକ ନିଷ୍ପତ୍ତି ଗ୍ରହଣ କରିବା କ୍ରମରେ ଉଲ୍ଲେଖ କରିଛନ୍ତି ଯେ ଜଣେ ପ୍ରାର୍ଥୀ ତାଙ୍କ ସତ୍ୟପାଠରେ ନିଜର ଚଳନ୍ତି ସମ୍ପତ୍ତିର ପ୍ରତ୍ୟେକଟି ସାମଗ୍ରୀ ସମ୍ପର୍କରେ ଘୋଷଣା କରିବାର ଆବଶ୍ୟକତା ନାହିଁ । ପରିଣତିରେ ଏହା ସେହି ସୁଯୋଗକୁ ଦୂର କରି ଦେଇଛି, ଯାହା ଜଣେ ପ୍ରାର୍ଥୀଙ୍କ ସମ୍ପତ୍ତିର ଟିକିନିଖି ବିବରଣୀ ଜାଣିବାକୁ ଜନସାଧାରଣଙ୍କୁ ସୁଯୋଗ ପ୍ରଦାନ କରୁଥିଲା ଏବଂ ଯଦିଓ ଏହା ଭାରତୀୟ ନିର୍ବାଚନ କମିଶନ ଏବଂ ସଂସଦକୁ ସମ୍ପତ୍ତିର ଘୋଷଣା ସମ୍ପର୍କିତ ଧାରାକୁ ଅଧିକ ପ୍ରଭାବଶାଳୀ କରିବା ନିମନ୍ତେ ଏହାର ଘୋଷଣା କରାଯିବା କାର୍ଯ୍ୟକ୍ରମ ଉପରେ ସାମଗ୍ରିକ ଭାବରେ ଅଧିକ କାର୍ଯ୍ୟ କରିବାର ଏକ ସୁଯୋଗ ପ୍ରଦାନ କରୁଥିଲା। କୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ପୋଷାକ, ଜୋତା, ବାସନକୁସନ, ଷ୍ଟେସନାରୀ ଏବଂ ଘରର ଆସବାବପତ୍ର ଇତ୍ୟାଦି ଭଳି ଚଳମାନ ସମ୍ପତ୍ତିଗୁଡ଼ିକ ସମ୍ପର୍କିତ ବିଶଦ ବିବରଣୀ ସେ ପର୍ଯ୍ୟନ୍ତ ସର୍ବସାଧାରଣରେ ପ୍ରକାଶ କରାଯିବାର ଆବଶ୍ୟକତା ନାହିଁ 'ଯେ ପର୍ଯ୍ୟନ୍ତ ସେଗୁଡ଼ିକ ସେତିକି ମୂଲ୍ୟବାନ ହୋଇ ନାହାନ୍ତି ଯାହାକୁ ଏକ ବଡ଼ ଆକାରର ମୂଲ୍ୟବାନ ସାମଗ୍ରୀ ଭାବରେ ବିବେଚନା କରାଯିବ ବା ପ୍ରାର୍ଥୀତ୍ୱ ନିମନ୍ତେ ପ୍ରାର୍ଥୀଙ୍କର ଜୀବନଶୈଳୀ ଦୃଷ୍ଟିରୁ ବିଳାସପୂର୍ଣ୍ଣ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ବ୍ୟବହାର କରୁଥିବା ବିଚାର କରାଯିବ।' ଦେଖିବାକୁ ଗଲେ, ଏହା ଗୋଟିଏ ଦୃଷ୍ଟିରୁ ସୂଚାଉଛି ଯେ ସେହିସବୁ ସମ୍ପତ୍ତିଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ, ଯେଉଁଗୁଡ଼ିକ ପ୍ରକୃତରେ ଆହରଣ କରାଯିବାର ଉପାୟଗୁଡ଼ିକ ଉପରେ ପ୍ରତିଫଳନ କରିବା ଉଚିତ ଯେଉଁ ଉପାୟସବୁ ଜରିଆରେ ପ୍ରାର୍ଥୀଙ୍କ ଦ୍ୱାରା ସେସବୁ ଆହରିତ ହୋଇଛି । ଏଭଳି ଏକ ନିଷ୍ପତ୍ତି ଗ୍ରହଣ କରି ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କର ଏକ ଆଦେଶନାମାକୁ ଖାରଜ କରି ଦେଇଛନ୍ତି, ଯାହା ଅରୁଣାଚଳ ପ୍ରଦେଶର ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଜୟୀ ହୋଇଥିବା ଜଣେ ବିଧାୟକଙ୍କୁ ତାଙ୍କ ପଦବୀରୁ ବଞ୍ଚିତ କରିଥିଲା, ଯେହେତୁ ତାଙ୍କର ଜଣେ ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପରୋକ୍ତ ଚଳମାନ ସମ୍ପତ୍ତିଗୁଡ଼ିକ ଭଳି ସମ୍ପତ୍ତିର ଅଧିକାରୀ ହୋଇଥିଲେ ସୁଦ୍ଧା, ସେସବୁ ସମ୍ପର୍କରେ ବିଧାୟକ ଜଣକ ବିବରଣୀ ପ୍ରଦାନ କରିବାରେ ବିଫଳ ହୋଇଥିଲେ। ପ୍ରାର୍ଥୀମାନଙ୍କର ଗୋପନୀୟତାର ଅଧିକାର ରହିଥିବା ଉପରେ ଗୁରୁତ୍ୱାରୋପ କରିବା ବେଳେ କୋର୍ଟ କିନ୍ତୁ ସ୍ପଷ୍ଟ କରି ଦେଇଛନ୍ତି ଯେ ଉପରୋକ୍ତ ନୂତନ ଉନ୍ମୋଚନକୁ ଦୃଷ୍ଟାନ୍ତ ଭାବରେ ଦେଖାଯିବ ନାହିଁ ଯେହେତୁ ଏହା ସେହି ମାମଲାର ତଥ୍ୟ ଏବଂ ପରିପ୍ରେକ୍ଷୀଗୁଡ଼ିକ ଉପରେ ପର୍ଯ୍ୟବସିତ ଥିଲା । ସମ୍ପତ୍ତିଗୁଡ଼ିକ ଉପରେ ସତ୍ୟପାଠ, ଯାହା ପୂର୍ବ ବର୍ଷଗୁଡ଼ିକର ଆୟକର ସମ୍ବନ୍ଧିତ ବିଶଦ ବିବରଣୀଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥାଏ, ସେସବୁ ଜଣେ ପ୍ରାର୍ଥୀଙ୍କ ଜୀବନଶୈଳୀ ତଥା ତାଙ୍କର ଜୀବନ ଧାରାରେ ଉନ୍ନତି ଉପରେ ବା ଅନ୍ୟ ଭାବରେ କହିବାକୁ ଗଲେ ତାଙ୍କ ଦ୍ୱାରା ସଂଗୃହୀତ ସମ୍ପତ୍ତିର ସ୍ଥିତି ଉପରେ ଆଲୋକପାତ କରିଥାଏ। ଜଣେ ପ୍ରାର୍ଥୀ ଯେତେବେଳେ ଦ୍ୱିତୀୟ ଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରନ୍ତି, ଏହା ସେତିକି ବେଳେ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଥାଏ, ଯେହେତୁ ସେ ସମୟରେ ସମ୍ପୃକ୍ତ ବିଭାଗ ଓ ଜନସାଧାରଣ ସମ୍ପତ୍ତିଗୁଡ଼ିକର ମୂଲ୍ୟର ତୁଳନା କରିବାକୁ ଏକ ସୁଯୋଗ ପାଇଥାନ୍ତି ଏବଂ ଯଦି ସମ୍ପତ୍ତି ସଂଗ୍ରହରେ ଅସଙ୍ଗତି ଦେଖାଯାଏ, ତା'ହେଲେ ସେ କ୍ଷେତ୍ରରେ ପ୍ରାର୍ଥୀଙ୍କଠାରୁ ସ୍ପଷ୍ଟୀକରଣ ମାଗିଥାନ୍ତି। କମିଶନଙ୍କର ଏହି କାର୍ଯ୍ୟ ଜଣେ ଓ କିଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନ ଆଧାରରେ କରାଯାଇଛି, ଯିଏ ଦର୍ଶାଇଛନ୍ତି ଯେ ସମ୍ପୃକ୍ତ ମନ୍ତ୍ରୀ, ଯାହାଙ୍କର ଅନେକଗୁଡ଼ିଏ କ୍ଷେତ୍ରରେ ବ୍ୟବସାୟିକ ସ୍ୱାର୍ଥ ରହିବା ସହିତ ତାଙ୍କୁ ଜଣେ ବିଲିଅନାୟାର ଭାବରେ ବିବେଚନା କରାଯାଏ, ସେ ମାତ୍ର ଚାରି ବର୍ଷର ସମୟ ଅବଧି ମଧ୍ୟରେ କେତେ କୋଟି ଟଙ୍କାର ମାଲିକରୁ କେତେ ଶହ ଟଙ୍କାକୁ ଖସି ଆସିଛନ୍ତି। ଏଭଳି ଘୋଷଣାନାମାର ସତ୍ୟତାକୁ ତଦନ୍ତ କରି ଦେଖାଯିବାର ଆବଶ୍ୟକତା ରହିଛି । ଦୁର୍ନୀତି ନିରୋଧୀ ଆଇନ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ସମ୍ପତ୍ତିଗୁଡ଼ିକ ନିମନ୍ତେ ଉତ୍ତରଦାୟୀ କରିଥାଏ ଏବଂ ଯଦି ସେମାନଙ୍କ ସମ୍ପତ୍ତି ସେମାନଙ୍କ ଆୟର ଜଣା ଉତ୍ସଗୁଡ଼ିକ ସହିତ ମେଳ ଖାଉ ନଥାଏ, ତା'ହେଲେ ଏହାକୁ ଏକ ଅପରାଧିକ ଦୋଷରେ ପରିଣତ କରିଥାଏ। ଦେଶର ବିଭିନ୍ନ ଭାଗରୁ ମିଳିଥିବା ରିପୋର୍ଟଗୁଡ଼ିକ ଦର୍ଶାଇ ଥାଏ ଯେ ବିଭିନ୍ନ ଦଳର ଅନେକ ସଂଖ୍ୟକ ପ୍ରାର୍ଥୀଙ୍କ ଦ୍ୱାରା ପୂର୍ବ ନିର୍ବାଚନ ସମୟରେ ଯେତିକି ପରିମାଣର ସମ୍ପତ୍ତିର ଅଧିକାରୀ ବୋଲି ଦର୍ଶା ଯାଇଥିଲା, ତା' ତୁଳନାରେ ଚଳିତ ଥର ଯଥେଷ୍ଟ ଅଧିକ ପରିମାଣର ସମ୍ପତ୍ତି ରହିଥିବା ସମ୍ପର୍କରେ ଘୋଷଣାନାମା ପ୍ରଦାନ କରିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ, ଆୟକର ବିଭାଗ ଏବଂ ଦୁର୍ନୀତି-ବିରୋଧୀ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହିସବୁ ଘୋଷଣାନାମାଗୁଡ଼ିକର ଯାଞ୍ଚ କରାଯିବା ନିମନ୍ତେ ଏକ ମିଳିତ ବ୍ୟବସ୍ଥା କରାଯିବା ଆବଶ୍ୟକ ତଥା ଏସବୁରେ ବିସଙ୍ଗତି ରହିଥିଲେ ଆଇନଗତ ଭାବରେ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ । କୋର୍ଟଙ୍କ କହିବା ଭଳି ଲଘୁ ବିଶଦ ବିବରଣୀଗୁଡ଼ିକ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯାହାକୁ ନେଇ ଭୋଟରମାନେ ଚିନ୍ତିତ ହେବେ।

# ଶ୍ରୀରାମ ନବମୀ

ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପୁନର୍ବସୁ ନକ୍ଷତ୍ର ଯୋଗରେ ଶ୍ରୀରାମଙ୍କ ଜନ୍ମତିଥି 'ରାମନବମୀ' ପଡ଼ିଥାଏ । ମାତ୍ର ଏବର୍ଷ ବୈଶାଖ ମାସରେ ଅର୍ଥାତ୍ ଏପ୍ରିଲ ମାସ ୧୭ତାରିଖ ବୁଧବାର ଶ୍ରୀରାମ ନବମୀ ପଡୁଅଛି । ଏପରି ହେବାର କାରଣ ହେଉଛି 'ମଳମାସ'ର ପ୍ରବେଶ ଯୋଗୁଁ ମଳ, ତିଥି ଓ ନକ୍ଷତ୍ର ଠିକ୍ ଅଛି ଦିନ ଟିକେ ଆଗେଇ ଯାଇଛି । ମାତ୍ର ଆସନ୍ତା ବର୍ଷ ଅବଶ୍ୟ ଚୈତ୍ର ମାସରେ ପଡ଼ିବ । ଗୋଟିଏ ଦୃଷ୍ଟିରୁ ଏ ବର୍ଷଟି ଅତ୍ୟନ୍ତ ଶୁଭ । କାରଣ ଏହି ବର୍ଷ ଦୁଇଥର 'ରାମ- ନବମୀ' ପଡ଼ିବ । ଥରେ 'ବୈଶାଖ'ରେ ଓ ଅନ୍ୟଥରେ ଆଗାମୀ ଚୈତ୍ର ମାସରେ ।

ତ୍ରେତୟା ଯୁଗରେ ଆଜିର ଦିନରେ ଅବକାରୀ ରାମଙ୍କର ଜନ୍ମ ମଙ୍ଗଳବାର ମଧ୍ୟାହ୍ନରେ ହୋଇଥିଲା । ସେ ଥିଲେ ଅଯୋଧ୍ୟାର ମହାରାଜା ଦଶରଥ ଓ ପାଟରାଣୀ କୌଶଲ୍ୟାଙ୍କର ସନ୍ତାନ । ସେ ତ୍ରେତୟା ଯୁଗର ଶେଷ ଭାଗ ଓ ଦ୍ୱାପର ଯୁଗର ପ୍ରାରମ୍ଭ ସନ୍ଧିକ୍ଷଣରେ ଜନ୍ମ। ତାଙ୍କର ଲଗ୍ନଥିଲା 'କର୍କଟ' ଓ ରାଶି ମଧ୍ୟ ଥିଲା 'କର୍କଟ' । ତାଙ୍କ କର୍ମମୟ ଜୀବନରେ 'ଶନିଗ୍ରହ'ଙ୍କର କୋପଦୃଷ୍ଟି ଯୋଗୁଁ ତାଙ୍କୁ ସିଂହାସନ ହରାଇବା ସହ ଚଉଦ ବର୍ଷକାଳ ବନବାସୀ ହେବାକୁ ପଡ଼ିଥିଲା ।

ମହାରାଜା ଦଶରଥଙ୍କର ଅନ୍ୟଦୁଇ ରାଣୀ କୈକେୟା ଗର୍ଭରୁ 'ଭରତ' ଓ ସୁମିତ୍ରାଙ୍କ ଗର୍ବରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମିଥିଲେ । ରାମଚନ୍ଦ୍ର ତାଙ୍କର ଅନ୍ୟ ତିନି ଭାଇଙ୍କ ସହ କୁଳଗୁରୁ 'ବଶିଷ୍ଠ' ମୁନିଙ୍କଠାରୁ ଆଶ୍ରମରେ ଶିକ୍ଷାଲାଭ କରିଥିଲେ । ପରେ ଋଷି ବିଶ୍ୱମିତଙ୍କ ଆଶ୍ରମରେ ରହି ଯୁଦ୍ଧନୀତି, ରାଜ୍ୟଶାସନ ଧନୁର୍ବିଦ୍ୟା ଓ ରାଜଧର୍ମ ଶିକ୍ଷା କରି ଜଣେ ସୁଶାସକ ହେବାର ସମସ୍ତ ଯୋଗ୍ୟତା ଅର୍ଜନ କରିଥିଲେ । ବିଶ୍ୱମିତ୍ରଙ୍କ ଧନୁର୍ବିଦ୍ୟା ଶିକ୍ଷା ଯୋଗୁଁ ସେ ଜଣେ ଧୁରୀଣ ଯୋଦ୍ଧା ହୋଇଥିବାରୁ ମିଥିଳା ଭ୍ରମଣରେ ଯାଇ ଶିବଙ୍କକ ପ୍ରଦତ୍ତ ଧନୁକୁ ଭାଙ୍ଗି ରାଜାଜନକଙ୍କ ସୁକନ୍ୟା ସୀତାଙ୍କୁ ବିବାହ କରିଥିଲେ । ଜନକ ରାଜାଙ୍କର ଅନ୍ୟ ତିନି କନ୍ୟାଙ୍କୁ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ବିବାହ କରିଥିଲେ । 'ରାମ' ବାସ୍ତବରେ ଶୌର୍ଯ୍ୟ ଓ ଶିଷ୍ଟତାର ଆତ୍ମା। ଅତ୍ୟାଚାରିତଙ୍କୁ ସୁରକ୍ଷା ଦେବାପାଇଁ ସେ ସର୍ବଦା 'କୋଦଣ୍ଡ ଧନୁ'କୁ ଧାରଣ କରୁଥିଲେ ।

ପିତା ଦଶରଥଙ୍କର ବାଧ୍ୟ ବାଧକତା ଓ ଇଚ୍ଛାରେ ସେ ରାଜମୁକୁଟ ପିନ୍ଧି ଯାଉଥିଲେ । ଏହି ସୂଚନା ପାଇବା ମାତ୍ରେ କୁଚକ୍ରୀ ମନ୍ଥରା ଦାସୀର କୁଚକ୍ରାନ୍ତରେ ପଡ଼ି ରାଣୀ କୈକେୟୀ ରାଜାଙ୍କୁ ତାଙ୍କର ପୂର୍ବ ପ୍ରଦତ୍ତ ବର ଦୁଇଟି ମାଗିଲେ । ପ୍ରଥମରେ - ପୁତ୍ର ଭରତ ରାଜା ହେବେ ଓ ଅନ୍ୟଟିରେ ରାମ ଚଉଦବର୍ଷ ପାଇଁ ବନବାସ ଯିବେ । ରାମ ସୁପୁତ୍ର ହୋଇଥିବାରୁ ରାଜା ତାଙ୍କୁ ଆଦେଶ ଦେବା ପୂର୍ବରୁ ପିତୃସତ୍ୟ ପାଳନ ପାଇଁ ଜନ-ଗମନର ସିଦ୍ଧାନ୍ତ ନେଲେ । ଭାଇ ଲକ୍ଷ୍ମଣ ଓ ପତ୍ନୀ ସୀତା ମଧ୍ୟ ବନଗମନର ରାମଙ୍କର ସହଯାତ୍ରୀ ହେବାକୁ ଉଚିତ ମଣିଲେ । ରାମଙ୍କ ବନ ଗମନ ସମୟରେ ଶୋକବିହ୍ୱଳା ଜନନୀ କୌଶଲ୍ୟାଙ୍କୁ ପ୍ରବୋଧନ ଦେଇ କହିଲେ- ମାତା! ମୋତେ ଅନୁଗମନ କରି ତୁମେ ତୁମ ସ୍ୱାମୀଙ୍କୁ ପାଖରେ ରୁହ । ଏହା ତୁମର ଧର୍ମ । ସ୍ୱାମୀଙ୍କ ସେବା ତୁମର କର୍ତ୍ତବ୍ୟ । ଏଣୁ ତାଙ୍କର ସେବା ସହ ତାଙ୍କୁ ସାନ୍ତ୍ୱନା ଦିଅ ।

'ରାମ' ଏପରି ଏକ ଅମ୍ଳାନ ଚରିତ୍ର, ଯେ କି ନିଜର ସ୍ତ୍ରୀ ବ୍ୟତୀତ କେବେ ବି ଅନ୍ୟ ସ୍ତ୍ରୀ କଥା ଭାବି ନାହାନ୍ତି। ସେ ସମୟରେ ରାଜାଙ୍କର ଅନେକ ପତ୍ନୀ ଥିଲେ, (ଏପରିକି ନିଜ ପିତାଙ୍କର ମଧ୍ୟ)- ସେତେବେଳେ ସେ ଥିଲେ ଏକ ଅନନ୍ୟ ବ୍ୟତିକ୍ରମ । ପତ୍ନୀ ସୀତାଙ୍କୁ ପଞ୍ଚବଟରୁ ରାବଣ କପଟରେ ଅପହରଣ କରିବା ପରେ ଦୁଃଖ କରିଛନ୍ତି ହେଲେ ଭାଙ୍ଗି ପଡ଼ି ନାହାନ୍ତି । ପରେ ମଣିଷ, ମର୍କଟ, ଭଲ୍ଲୁକ, ପକ୍ଷୀଙ୍କର ଆନ୍ତରିକ ସାହାଯ୍ୟ ଓ ସହଯୋଗରେ ଲଙ୍କାଗଡ଼ରେ ତାଙ୍କୁ ଠାବକରିଛନ୍ତି । ସମସ୍ତ ସହଯୋଗୀଙ୍କର ଆନ୍ତରିକ ଉଦ୍ୟମରେ ଓ ଅପ୍ରାଣ ଚେଷ୍ଟାରେ ସମୁଦ୍ରରେ ସେତୁବନ୍ଧ ବାନ୍ଧି ଲଙ୍କାରେ ସେହି ସୈନ୍ୟଙ୍କୁ ନେଇ ରାବଣ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି । ତାଙ୍କ ଶରରେ ପ୍ରବଳ ପରାକ୍ରମୀ ରାବଣୀ ପତନ ହେବା ସହ ତାଙ୍କର ଦଶଶିର (ପାଞ୍ଚ କର୍ମେନ୍ଦ୍ରିୟ ଓ ପାଞ୍ଚ ଜ୍ଞାନେନ୍ଦ୍ରିୟର ପ୍ରତୀକ) ଭୂଲୁଣ୍ଠିତ ହୋଇଛି । ରାମ ଯେ ଶକ୍ତିଶାଳୀ, ଯୋଦ୍ଧା ଓ ସାହସିକଙ୍କ ମଧ୍ୟରେ ଅଗ୍ରଗଣ୍ୟ ତାହା ପ୍ରମାଣିତ ହୋଇଛି ।

ବନ୍ଧୁ ବିଭୀଷଣଙ୍କୁ ଲଙ୍କାରେ ରାଜା କରିବା ପୂର୍ବରୁ ନିଜର ବଡ଼ଭାଇ ରାବଣଙ୍କର ଅନ୍ତେଷ୍ଟିକ୍ରିୟା କରିବା ପାଇଁ ପରାମର୍ଶ ଦେଇଛନ୍ତି । ଅତୀତର ସମସ୍ତ ମତାନ୍ତର ଓ ମନାନ୍ତରକୁ ଭୁଲିଯିବା ପାଇଁ ନିବେଦନ ବି କରିଛନ୍ତି । ଶତ୍ରୁ ତ ଏବେ ମୃତ । ତେବେ ଶତ୍ରୁତା କାହା ସହିତ ? ଓ କଣ ପାଇଁ? ସତରେ ରାମ ହେଉଛନ୍ତି ସତ୍ୟର ମୂର୍ତ୍ତିମନ୍ତ ଅବତାର । ଆଦର୍ଶ ମାନବ। ଶାସ୍ତ୍ରବିତ୍ ଓ ସକଳ ପ୍ରାଣୀଙ୍କ ବନ୍ଧୁ। ସେ ଦୁଷ୍ଟଙ୍କ ପାଇଁ ଭୟ- ମାତ୍ର ଶିଷ୍ଟଙ୍କର ପ୍ରିୟ ।

ରାମଚନ୍ଦ୍ର ସତ୍ୟ-ଶୀତଳ ଭାଷଣ ଦ୍ୱାରା ଲୋକଙ୍କ ହୃଦୟ ଜୟ କରୁଥିଲେ। ଦାନ ଦ୍ୱାରା ଦୁଃଖୀ, ଦରିଦ୍ର ଓ ବ୍ରାହ୍ମଣଙ୍କର ମନ ଜିଣୁଥିଲେ । ସେବା ଓ ଶଶ୍ରୁଷାଦ୍ୱାରା ଗୁରୁଜନଙ୍କର ଆଶୀର୍ବାଦ ଲାଭ କରୁଥିଲେ ଓ ଯୁଦ୍ଧରେ ନିଜର ଏକାଗ୍ରତା ଏବଂ ଧନୁର୍ବାଣରେ ପରାକ୍ରମ ଯୋଗୁଁ ଶତ୍ରୁମାନଙ୍କୁ ଜୟ କରୁଥିଲେ । ତାଙ୍କର ଥିଲା ହିମାଳୟ ପରି ଧୈର୍ଯ୍ୟ ଓ ସମୁଦ୍ର ପରି ଗାମ୍ଭୀର୍ଯ୍ୟ ଏବଂ ଧରଣୀ ପରି ସହନଶୀଳତା ।

ତେଣୁ ଆଜି ବିଶ୍ୱରେ ସେ ତାଙ୍କର ଆଦର୍ଶ ପାଇଁ ଶ୍ରେୟ । ତାଙ୍କର ଏକତା ଓ ଅଖଣ୍ଡତାର ରାମରାଜ୍ୟ ହେଉ ପ୍ରତ୍ୟେକ ଶାସକଙ୍କ ପାଇଁ ଆଧାର ଶିଳା । ସହୃଦୟତା ଓ କପଟହୀନ ଭଲପାଇବା ହେଉ ସମସ୍ତଙ୍କର ଅନ୍ତରର କଥା । କୁଶଳ ଜିଜ୍ଞାସା ଓ ପରୋପକାର ହେଉ ଜୀବନର ମହାମନ୍ତ୍ର । ତେବେ ହିଁ ବିଶ୍ୱରେ ଗଢ଼ି ଉଠିବ 'ରାମରାଜ୍ୟ'। ବୋଧହୁଏ ଏହାହିଁ ହେବ ଶ୍ରୀରାମ ନବମୀରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ପ୍ରତି ଆମର ଗଭୀର ଶ୍ରଦ୍ଧାସ୍ଥଳୀ ଓ ଆନ୍ତରିକ ଭକ୍ତି ଓ ଭଲ ପାଇବା । ଜୟ ଶ୍ରୀରାମ । ଜୟ ଜୟ ଶ୍ରୀରାମ ।

ପ୍ରଜ୍ଞାନୀଡ଼
(ବସନ୍ତ ବିହାର),
ଶୋଭାରାମପୁର, ବାଲେଶ୍ୱର-
୭୫୬୦୦୧
ମୋ: ୮୮୯୫୮୮୮୮୪

# ଏଥର ନିର୍ବାଚନ ପ୍ରସଙ୍ଗ କଣ ?

ପ୍ରଣତି ଆଚାର୍ଯ୍ୟ ମିଶ୍ର

ବର୍ତ୍ତମାନ ନିର୍ବାଚନ ପାଇଁ ଶଂଖନାଦ ହୋଇଯାଇଛି । ଏହା ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଅନେକ ପ୍ରତିଶ୍ରୁତିର ସମୟ । ଆପଣ ଯାହା ଚାହାଁନ୍ତି ତା'ଠାରୁ ଅଧିକ ପାଇବାର ପ୍ରତିଶ୍ରୁତି ଦେଖି ଦ୍ୱନ୍ଦ ରେ ଭୋଟର। ସପିଂ ମଲ୍ ର ଚାରିଆଡ଼େ ରିହାତି ବିକ୍ରି ବିଜ୍ଞାପନ ଦେଖି ଗ୍ରାହକଟିଏ ର ଅବସ୍ଥା ପରି ଭୋଟରମାନଙ୍କ ଅବସ୍ଥା। କିନ୍ତୁ ଆକାଶରୁ ତାରା ତୋଳିବା ପ୍ରତିଶ୍ରୁତିର ଏହି ଋତୁରେ ବାସ୍ତବ ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ନିର୍ବାଚନ ଆସିବା ମାତ୍ରେ ନେତାଙ୍କ ରାଲି, ଲମ୍ବା ଭାଷଣ, ବଡ଼ ବଡ଼ ପ୍ରତିଶ୍ରୁତି ଆରମ୍ଭ ହୋଇଯାଏ। କିନ୍ତୁ ବାସ୍ତବ ପ୍ରସଙ୍ଗରେ କୌଣସି ଆଲୋଚନା କିମ୍ବା ପ୍ରତିଶ୍ରୁତି ନାହିଁ। ବର୍ତ୍ତମାନ ବାୟୁରେ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ଲୋକମାନେ ଯକ୍ଷ୍ମା ଓ ଶ୍ୱାସରୋଗରେ ପୀଡ଼ିତ ହେଉଛନ୍ତି ତଥାପି ଲୋକେ ଏଭଳି ଅବସ୍ଥାରେ ବଞ୍ଚିବାକୁ ବାଧ୍ୟ । ପ୍ରତିବର୍ଷ ପ୍ରଦୂଷଣ କାରଣରୁ ଭାରତରେ ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁବରଣ କରନ୍ତି । ଚୀନ୍ ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି ଯେଉଁଠାରେ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା। ବୈଜ୍ଞାନିକମାନେ ବାୟୁ ପ୍ରଦୂଷଣର ମାରାତ୍ମକ ପ୍ରଭାବକୁ କ୍ରମାଗତ ଭାବରେ ଆମ ଆଗରେ ରଖୁଛନ୍ତି, କିନ୍ତୁ କାହା ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ । ସମସ୍ତେ ନିଜ ନିଜ ସ୍ତରରେ ନିୟୋଜିତ । ପରିସଂଖ୍ୟାନ ଦର୍ଶାଉଛି ଯେ ଆମେ ବର୍ଷ ସାରା ବାୟୁ ପ୍ରଦୂଷଣର କବଳରେ ରହୁଛୁ । ବର୍ଷା ଋତୁରେ ଏଥିରୁ ଆମକୁ ନିଶ୍ଚୟ କିଛି ମାତ୍ରାରେ ଆରାମ ମିଳିଥାଏ, କିନ୍ତୁ ବାକି ସମୟ ଆମକୁ ଏହା ସହିତ ବଞ୍ଚିବାକୁ ହୁଏ। ଏହାର ମୁଖ୍ୟ କାରଣ ଅଳ୍ପ ବହୁତ ସମସ୍ତ ଙ୍କୁ ଜଣା । ପ୍ରଦୂଷଣ କୁ ନିୟନ୍ତ୍ରଣ କରିବା ଦେଶ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ । ବିଶ୍ୱ ସ୍ତରରେ ଭାରତର ପ୍ରତ୍ୟେକ ସହରରୁ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଲଜ୍ଜାଜନକ। ପଲିଥିନ୍ ବ୍ୟବହାର, କଳା ଧୂଆଁ ବାହାରୁଥିବା ଗାଡ଼ି ଓ କାରଖାନା, ଅଳିଆ ଗଦା, ଦୁର୍ଗନ୍ଧିତ ଡ୍ରେନ୍ ଆଦି ଜୀବନକୁ ନର୍କ କରିଦେଇଛି। ଅଦାଲତଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦ୍ର, ରାଜ୍ୟ ସରକାର ଓ ମହାନଗର ନିଗମ ପ୍ରଦୂଷିତ ପରିବେଶକୁ ହ୍ରାସ ପାଇଁ କରୁଥିବା କାର୍ଯ୍ୟ ସମୁଦ୍ର କୁ ଶଂଖେ। ଜନସାଧାରଣଙ୍କ ସହଯୋଗ ମଧ୍ୟ ଆଶା କରାଯାଏ ଏବଂ ଏମାନଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି । ଦେଶରେ ଆଗାମୀ ସାଧାରଣ ନିର୍ବାଚନରେ ରାଜନୈତିକ ଦଳଗୁ

# ଖରାଦିନେ ଖାଆନ୍ତୁ ଏହି ଫଳ; ଶରୀରକୁ ରଖିବ ହାଇଡ୍ରେଟ୍

ଖରା ଦିନରେ ଅଧିକ ପାଣି ପିଇବା ସହ ଶରୀରକୁ ହାଇଡ୍ରେଟ୍ ରଖିବା ଉଚିତ । ଏହା ସହ ଖାଦ୍ୟରେ ମଧ୍ୟ କିଛି କିଛି ପରିବର୍ତ୍ତନ କରିବା ପାଇଁ ପଡିଥାଏ । ତେବେ ଖରା ଦିନରେ ଅଧିକ ପରିମାଣର ଫଳ ଖାଇବା ଉଚିତ । ଦୁଇ ଦିନ ହେବ ବିଭିନ୍ନ ଅଞ୍ଚଳରେ ହାଲୁକା ବର୍ଷା ଲାଗି ରହିଛି । ଫଳରେ ତାତିରୁ ଟିକେ ଆଶ୍ୱସ୍ତି ମିଳିଛି । କିନ୍ତୁ ପୂର୍ବରୁ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିଲା । ଯାହାର ପ୍ରଭାବ ଆମ ଶରୀର ଉପରେ ମଧ୍ୟ ପଡୁଛି । ଖରା ଦିନରେ ଅଧିକ ପାଣି ପିଇବା ସହ ଶରୀରକୁ ହାଇଡ୍ରେଟ୍ ରଖିବା ଉଚିତ । ଦିନକୁ ୭ ରୁ ୮ ଗ୍ଲାସ୍ ପାଣି ପିଇବା ଉଚିତ । ଏହା ସହ ଖାଦ୍ୟରେ ମଧ୍ୟ କିଛି କିଛି ପରିବର୍ତ୍ତନ କରିବା ପାଇଁ ପଡିଥାଏ । ଅଧିକ ପରିମାଣର ଫଳ ଖାଇବା, କମ୍ ତେଲର ଖାଦ୍ୟ ଖାଇବା ଉଚିତ । ଯାହା ଆମକୁ ଖରା ଦିନରେ ମଧ୍ୟ ସୁସ୍ଥ ରଖିଥାଏ । ତେବେ ଆସନ୍ତୁ ଜାଣିବା ଖରା ଦିନରେ କେଉଁ କେଉଁ ଫଳ ଅଧିକା ଖାଇବା ଉଚିତ୍...

*ଖରାଦିନରେ କେଉଁ ଫଳ ଅଧିକା ଖାଇବା ଉଚିତ୍ ?*

ତରଭୁଜରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ଥାଏ । ଏହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଖରା ଦିନରେ ତରଭୁଜରେ ମିଳୁଥିବା ଭିଟାମିନ୍ ଏ ଏବଂ ବିଟା-କେରୋଟିନର ସ୍ତର ତ୍ୱଚାକୁ ସୁସ୍ଥ ରଖିଥାଏ । କେଶ ବଢାଇବାରେ ମଧ୍ୟ ସାହାଯ୍ୟ କରେ।

*ଆମ୍ବ:* ଖରା ଦିନରେ ଆମ୍ବ ଅଧିକ ପରିମାଣରେ ମିଳିଥାଏ । ଆମ୍ବରେ ଭିଟାମିନ୍-ସି ରହିଥାଏ । ଯାହା ଆମ ଆଖି,ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ସେହିପରି କୋଲେଷ୍ଟ୍ରଲ୍ କମ୍ କରିବାରେ, ହଜମ ଶକ୍ତି ବଢାଇବା ସହ କ୍ୟାନ୍ସର ପରି ସାଙ୍ଘାତିକ ରୋଗରୁ ମଧ୍ୟ ରକ୍ଷା କରିଥାଏ ।

*କମଳା:* କମଳାରେ ଭିଟାମିନ୍-ସି ଅଧିକ ପରିମାଣରେ ଥାଏ, ଏଥିରେ ଭରପୁର ପରିମାଣରେ କ୍ୟାଲସିଏନମ୍, ଆଣ୍ଟି ଅକ୍ସିଡେଣ୍ଟ ଥାଏ ଯାହା ତ୍ୱଚା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଆପଣଙ୍କୁ ଜଣାଇବା ପାଇଁ ଚାହିଁବୁ ପ୍ରତ୍ୟେକ ଦିନ ଗୋଟିଏ କମଳା ଖାଇବା ଦ୍ୱାରା ଓଜନ ମଧ୍ୟ କମିଥାଏ ।

*ଅମୃତଭଣ୍ଡା:* ଖରାଦିନରେ ଖାଦ୍ୟରେ ଅମୃତଭଣ୍ଡା ସାମିଲ କରିବା ଅତ୍ୟନ୍ତ ଜରୁରୀ । କାରଣ ଏଥିରେ ଯଥେଷ୍ଟ ପରିମାଣରେ ଭିଟାମିନ୍-ସି, ଭିଟାମିନ୍-ଏ ରହିଥାଏ । ଯାହା ଇମ୍ୟୁନିଟି ବଢାଇବା ସହ ତ୍ୱଚାକୁ ସୁନ୍ଦର କରିବାରେ ସାହାଯ୍ୟ କରିଥାଏ । ଅମୃତ ଭଣ୍ଡା ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ ।

*କାକୁଡ଼ି:* କାକୁଡ଼ି କିଏ ଅବା ଖାଇବାକୁ ପସନ୍ଦ ନ କରେ । ବିଶେଷ କରି ଖରା ଦିନେ ଏହା ଆମ ଖାଦ୍ୟ ଥାଳିରେ ନିଶ୍ଚୟ ସାମିଲ ଥାଏ। ଅନେକ ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଏହାକୁ ବ୍ୟବହାର କରି ଥାଆନ୍ତି । ଖରାଦିନରେ ଖାଦ୍ୟରେ କାକୁଡ଼ି ସାମିଲ କରିବା ଅତ୍ୟନ୍ତ ଜରୁରୀ । ଯାହା ଇମ୍ୟୁନିଟି ବଢାଇବା ସହ ତ୍ୱଚାକୁ ସୁନ୍ଦର କରିବାରେ ସାହାଯ୍ୟ କରିଥାଏ।

*କଦଳୀ:* କଦଳୀରେ ଭିଟାମିନ୍-ଏ,ବି,ସି,ଏ ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ଭରପୁର ପରିମାଣରେ ଥାଏ । ସେହିପରି କଦଳୀରେ ବି-୬ ଏବଂ ଏମିନୋଏସିଡ ମଧ୍ୟ ଥାଏ ଯାହା ଆଣ୍ଟି ଅକ୍ସିଜେଣ୍ଟ । ଖରାଦିନରେ କଦଳୀ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।

*ଟମାଟୋ:* ଟମାଟୋର ବ୍ୟବହାର ଅଧିକାଂଶ ତରକାରୀ ପ୍ରସ୍ତୁତି ପାଇଁ ହୋଇଥାଏ । ଏହାର ବ୍ୟବହାର ସାଲାଡ, ଚଟଣି ଆଦିରେ ମଧ୍ୟ ହୋଇଥାଏ । ଖରାଦିନେ ଟମାଟୋର ଖାଇବା ଦ୍ୱାରା ଶରୀରରେ ଜଳର ଅଭାବ ଦୂର ହୋଇଥାଏ ।

*ବେଲ:* ଔଷଧୀୟ ଗୁଣରେ ଭରପୁର ବେଲ ପେଟ ସମ୍ବନ୍ଧୀୟ ରୋଗ ପାଇଁ ଅବ୍ୟର୍ଥ ଉପଚାର। ଖାସକରି ଗରମ ଦିନରେ ଶରୀରକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ ବେଲ ପଣା । ବେଲ ପେଟ ରୋଗକୁ ଦୂର କରେ । ଏହାସହ ଅନ୍ତନଳୀକୁ ମଧ୍ୟ ସଫା ରଖିବାରେ ସହାଯ୍ୟ କରେ ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ୍ୟ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ। ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ୍ୟ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ ।

ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି। ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

- ଯଦି ପିରିୟଡ୍ ସମୟରେ କଷ୍ଟ ଅସହ୍ୟ ଏବଂ ଭୟଙ୍କର ହେଉଛି, ତେବେ ତୁରନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ୍ ।
- ଅଧିକରୁ ଅଧିକ ଯନ୍ତ୍ରଣା ଦେଉଥିବା ପିରିୟଡ୍ କ୍ରାମ୍ପସ ପଛରେ କୌଣସି ପୁରୁଣା ରୋଗର କାରଣ ମଧ୍ୟ ରହିଥାଏ । ଯାହା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ ।
- ଫାଇବ୍ରଏଡର ବିକାଶିତ ହେବାର ଅନ୍ୟତମ କାରଣ, ଏହା ହେଉଛି ଏକ ପ୍ରକାର ଟ୍ୟୁମର୍ ଯାହା ଗର୍ଭାଶୟ ଭିତରେ ବିକଶିତ ହୁଏ । ଏହି କାରଣରୁ ବହୁତ ଯନ୍ତ୍ରଣା ହୋଇଥାଏ । ଏହା ଗର୍ଭପାତର ଆଶଙ୍କାକୁ ବଢାଇଥାଏ ।

*ଏଣ୍ଡୋମେଟ୍ରିଓସିସ୍ ରୋଗ*

- ଏହି ରୋଗ ହେବା ଦ୍ୱାରା ଗର୍ଭାଶୟର ଟିସୁ ଗର୍ଭାଶୟ ବାହାରେ ବ୍ୟାପିବା ଆରମ୍ଭ କରିଥାଏ । ଏହା ଦ୍ୱାରା ଆଖପାଖ ଟିସୁକୁ ମଧ୍ୟ ପ୍ରଭାବିତ କରେ । ଏହି ରୋଗ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ । ଏହି ରୋଗ ପ୍ରବଳ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ମହିଳା ଏହି କାରଣରୁ ସନ୍ତାନ ପ୍ରସବ କରିବାରେ ଅସମର୍ଥ ହୋଇଥାନ୍ତି।

# ଖରା ଦିନେ ସ୍ୱାସ୍ଥ୍ୟ ପାଇଁ ଭଲ ଏହି ଫଳ

ଅଖରୋଟ୍ ଗ୍ରୀଷ୍ମ ସହିତ ସିଧାସଳଖ ଜଡିତ ନୁହେଁ । ଶୀତ ଏବଂ ବସନ୍ତ ଋତୁରେ ସେଗୁଡିକ ବହୁ ପରିମାଣରେ ଖିଆଯାଏ । କିନ୍ତୁ ଏହାକୁ ଗ୍ରୀଷ୍ମ ଖାଦ୍ୟର ଏକ ଅଂଶ ବୋଲି ମଧ୍ୟ କୁହାଯାଏ । ଏଥିରେ ଓମେଗା-ଫ୍ୟାଟି ଏସିଡ୍ ଭରପୂର ମାତ୍ରାରେ ଥାଏ । ଏହା ସହ ଏଥିରେ ଆହୁରି ମଧ୍ୟ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀର ମଧ୍ୟ ନିଜେ ତିଆରି କରିପାରେ ନାହିଁ । ଫ୍ୟାଟି ଏସିଡ୍ ମସ୍ତିଷ୍କକୁ ସୁସ୍ଥ ରଖେ, ହୃଦୟକୁ ଭଲ ରଖେ ଏବଂ ବର୍ଷସାରା ଏହାକୁ ଖାଇହେବ । ଏହା ବ୍ୟତୀତ ଅଖରୋଟ୍ ପ୍ରୋଟିନ୍ ଏବଂ ଫାଇବରର ଉତ୍ତମ ଉତ୍ସ । ତେବେ ଖରା ଦିନେ ଏଭଳି କିଛି ଉପାୟରେ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବ ସହ ଶରୀରକୁ ପ୍ରେଟିନ୍ ଏବଂ ଫାଇବର ମିଳିପାରିବ ।

ଅଖରୋଟ୍ ଭିଜାଇ ଖାଇବ : ଗ୍ରୀଷ୍ମ ସମୟରେ ଅଖରୋଟ୍ ଖାଇବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ସେଗୁଡିକୁ ଭିଜାଇ ଖାଇବ । ଖାଲି ପେଟରେ ଭିଜାଇଥିବା ବାଦାମ ଖାଇବା ଦ୍ୱାରା ସର୍ବାଧିକ ଲାଭ ମିଳିଥାଏ । ଏହା ଦ୍ୱାରା ପେଟ ଥଣ୍ଡା ରହିଥାଏ ଏବଂ ହଜମ ସହଜ ହୁଏ ।

କ୍ଷୀର ସହିତ : ରାତିରେ କ୍ଷୀର ସହିତ ବାଦାମ ଖାଇ ପାରିବେ । ଏଥିପାଇଁ ଆପଣ କ୍ଷୀରରେ ଅଖରୋଟ୍ ଫୁଟାଇ ପାରିବେ କିମ୍ବା କ୍ଷୀରରେ ମଧ୍ୟ ତାହାକୁ ଭିଜାଇ ରଖିପାରିବେ । ଏହା ଦ୍ୱାରା ଅଖରୋଟ୍ ଉତ୍ତାପ ହ୍ରାସ ହୋଇଥାଏ ଏବଂ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ।

ଖାଦ୍ୟରେ ସାମିଲ : ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତରେ ଆପଣ ଏହାକୁ ଖାଇପାରିବ । ସୁଜି ବା ଗାଜର ହାଲୁଆ, ଖିରୀ ଏବଂ ମିଠା ବ୍ୟତୀତ ଓଟ୍?ସରେ ମିଶାଇ ଖାଇ ପାରିବେ ।

ସୁଦି : ସେକ୍ ଓ ସୁଦି ପ୍ରସ୍ତୁତ କରିବା ପାଇଁ ଆପଣ ଅଖରୋଟ୍ ବ୍ୟବହାର କରିପାରିବେ ।

କ୍ଷୀର ସର୍ବତ : କ୍ଷୀର ସର୍ବତ ସ୍ୱାଦିଷ୍ଟ ଏବଂ ସତେଜ ପାନୀୟ । ଏହାକୁ ପ୍ରସ୍ତୁତ କରିବା ପାଇଁ, ରାତିସାରା ବାଦାମକୁ ଭିଜାଇ ପରଦିନ ସକାଳେ ଏହାକୁ ବ୍ଲେଣ୍ଡରେ ବ୍ଲେଣ୍ଡ କରି ଦିଅନ୍ତୁ । ତା'ପରେ ଏହି ମିଶ୍ରଣକୁ ଏକ ମସଲିନ୍ କପଡାରେ ଚିପୁଡି ଦିଅନ୍ତୁ । ଏହି ରସକୁ ଥଣ୍ଡା କ୍ଷୀର ରେ ମିଶାନ୍ତୁ । ସେଥିରେ ୨-୪ ଖଣ୍ଡ ବରଫ ମିଶାନ୍ତୁ , ପ୍ରସ୍ତୁତ ହୋଇଗଲା ଅଖରୋଟ୍ କ୍ଷୀର ସର୍ବତ ।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ। ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

*ପରିସ୍ରା ରଙ୍ଗରେ ପରିବର୍ତ୍ତନ :-*

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

*ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-*

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

*ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-*

ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ। ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।

# ବିଶ୍ୱରେ ବଢୁଛି ମଧୁମେହ ରୋଗ

୨୦୪୦ ସୁଦ୍ଧା ଭାରତରେ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ୧୧୬ ପ୍ରତିଶତ ବୃଦ୍ଧି ପାଇବ। ବିଶ୍ୱରେ ଏହା ୧୦୬.୯ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ଲେନସେଟ୍ ଡାଇବିଟିକ୍ସ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ୨୦୨୧ ମସିହାରେ ବିଶ୍ୱର ୮୪ ଲକ୍ଷ ୨୩ ହଜାର ୫୩୦ ଜଣଙ୍କଠାରେ ଟାଇପ-୧ ମଧୁମେହ ରୋଗ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ ୬୪ ପ୍ରତିଶତ ୨୦-୫୯ ବର୍ଷୀୟ ଅଟନ୍ତି। ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୮ ଲକ୍ଷ ୧୮ ହଜାର ୬୨୦। ୨୦୨୦ ମସିହା ତୁଳନାରେ ଏହା ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି। ଲେନସେଟ୍‌ର ଏହି ଅଧ୍ୟୟନ ଅନୁସାରେ, ବିଶ୍ୱରେ ଦେଖାଯାଉଥିବା ଟାଇପ-୧ ମଧୁମେହ ରୋଗୀଙ୍କ ମଧ୍ୟରୁ କେବଳ ୬୦ ପ୍ରତିଶତ ଭାରତର। ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୧୪ ଲକ୍ଷ ୧୪ ହଜାର ୪୪୧, ଭାରତରେ ୮ ଲକ୍ଷ ୧୮ ହଜାର ୬୨୦, ବ୍ରାଜିଲରେ ୫ ଲକ୍ଷ ୬୪ ହଜାର ୨୪୯, ଚାଇନାରେ ୪ ଲକ୍ଷ ୩୦ ହଜାର ୬୪୭, ଜର୍ମାନରେ

୪ ଲକ୍ଷ ୨୨ ହଜାର ୮୭ ଜଣଙ୍କଠାରେ ମଧୁମେହ ଚିହ୍ନଟ କରାଯାଇଛି। ଇନସୁଲିନ ଉପରେ ନିର୍ଭରଶୀଳ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଭାରତରେ ଅଣସଂକ୍ରାମକ ରୋଗ ତାଲିକାରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ ନୁହେଁ। ୨୦୧୯ ମସିହାରେ ସମୁଦାୟ ମୃତ୍ୟୁର ୬୬ ପ୍ରତିଶତ ଲୋକଙ୍କର ଅଣସଂକ୍ରାମକ ରୋଗ ଯୋଗୁଁ ମୃତ୍ୟୁ ହୋଇଥିଲା।

# ୬୦ ସେକେଣ୍ଡରେ ଫିଟ୍ ରୁହନ୍ତୁ

## ପରିବର୍ତ୍ତନଶୀଳ ଜୀବନଶୈଳୀରେ ନିଜକୁ ଫିଟ୍ ରଖିବା ଜରୁରୀ । ହେଲେ ଛୋଟ ଛୋଟ କଥାକୁ ଆପଣାଇ କିପରି ଫିଟ୍ ରହିହେବ ସେକଥା ଖୁବ୍ କମ୍ ଲୋକ ଜାଣନ୍ତି ।

**ଜୋତା ଘର ବାହାରେ ରଖନ୍ତୁ:** ଘର ଭିତରକୁ ଯିବା ସମୟରେ ଜୋତା ବାହାରେ ରଖନ୍ତୁ । ଫଳରେ ଧୂଳି, ମାଟି ଓ କେମିକାଲଜନିତ ସମସ୍ୟାରୁ ରକ୍ଷା ପାଇବେ । ଏହି ଅଭ୍ୟାସ ଦ୍ୱାରା ଘର ସଫାସୁତୁରା ରଖିପାରିବେ ।

**ଖାଲି ଜାଗାରେ ଛିଙ୍କନ୍ତୁ ନାହିଁ:** ଛିଙ୍କ ଆସିଲେ ଯଦି ଟିଶୁ କି ନାପ୍‌କିନ୍ ନାହିଁ ତେବେ କାନ୍ଧ ବା କହୁଣୀରେ ନାକ ଢାଙ୍କିଦିଅନ୍ତୁ । ଏହାଦ୍ୱାରା କୀଟାଣୁଜନିତ ସଂକ୍ରମଣ ହେବାର ସମ୍ଭାବନା କମ୍ ଥାଏ ।

**ଆଖିକୁ ଆରାମ ଦିଅନ୍ତୁ:** କର୍ମଜୀବୀ ଲୋକ ଓ ଛାତ୍ରଛାତ୍ରୀ ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ ବିତାଇଥାନ୍ତି । କମ୍ପ୍ୟୁଟର ସ୍କ୍ରିନ୍‌ର ଲାଇଟ୍ ଆଖି ଉପରେ ପ୍ରଭାବ ପକାଇଥାଏ । ଆଉ ସ୍ପେଶାଲିଷ୍ଟ ଏଥିପାଇଁ ୨୦-୨୦-୨୦ର ନିୟମ କରିଛନ୍ତି । ପ୍ରତି ୨୦ ମିନିଟ୍‌ରେ କମ୍ପ୍ୟୁଟର ସ୍କ୍ରିନ୍‌ରୁ ଦୂରେଇ ରହିବାକୁ ହେଲେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ୍ ଦୂରରେ ଥିବା କୌଣସି ବସ୍ତୁକୁ ଦେଖନ୍ତୁ । ଏପରି କରିବା ଦ୍ୱାରା ଆଖିକୁ ଆରାମ ଦେଇପାରିବେ ।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

ଭବାନୀପାଟଣା, ୧୬/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୦ ତାରିଖରୁ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୈଠକରେ ପ୍ରଥମେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପବିତ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯଥା ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା,ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଡିଆରସିଏସ ଏବଂ ଆର୍ ଏମ ସି କତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିଏସଓଙ୍କ ସୂଚନା ଅନୁସାରେ, ଗତ ଖରିଫ ୨୦୨୩-୨୪ ରେ ୧୧.୪.୨୦୨୪ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ୫୪୦୮୮୩.୪୦ ମେଟ୍ରିକ୍ ଟନ୍ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଥଲା । ବର୍ତମାନ ୫୯୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି ଏବଂ ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରକ ଟନ୍ ରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି । ସଧାରଣ ଧାନ ଏଫଏକ୍ୟୁ ମାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୧୮୩/- ଟଙ୍କା ରହିଛି । ଗତ ଖରିଫ ଋତୁ ରେ ୬୭ଟି ଉଷୁନା ମିଲର ଏବଂ ୧୬ଟି ଅରୁଆ ମିଲର ଧାନ ସଂଗ୍ରହଣରେ ଭାଗ ନେଇଥିଲେ, ବର୍ତମାନ ୬୭ଟି ଉଷୁନା ମିଲର ରବି ଧାନ ସଂଗ୍ରହଣରେ ଭାଗ ନେବେ । ରବି ଧାନ ପାଇଁ ଜିଲ୍ଲାରେ ଉଭୟ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡରେ ୭୨ଟି ପାକ୍ସ, ୬୨ଟି ପିପିସି ଏବଂ ୨୩ଟି ଡ଼ବ୍ଲୁଏସଏଚଜି ଏଭଳି ମୋଟ୍ ୧୫୭ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବ । ୨୦୨୩-୨୪ ରବି ପାଇଁ ବର୍ତମାନ ପର୍ଯ୍ୟନ୍ତ ୫୨୫୯୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ବୈଧ ଟୋକେନ୍ ଥିବା ଚାଷୀ ସକାଳ ୭ଟାରୁ ଦିନ୧୨ଟା ମଧ୍ୟରେ ମଣ୍ଡିକୁ ଯାଇ ଧାନ ବିକ୍ରୟ କରିପାରିବେ । ମିଲର ମାନେ ମଣ୍ଡିରୁ ଧାନ ଉଠାଇ ଟ୍ରକ୍ ଦ୍ୱାରା ପରିବହନରେ ରୁଟ୍ ଦ୍ୱାରା କ୍ଷତିଗ୍ରସ୍ତ, ବିଲ ଉଠାଣ ଓ ବିଭିନ୍ନ ଫର୍ମ ପୂରଣରେ ଅବ୍ୟବସ୍ଥାକୁ ସଭାରେ ଉପସ୍ଥାପନ କରି ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଇନ୍ଦ୍ରାବତୀ ପ୍ରକଳ୍ପ ରବି ଋତୁ ଧାନ ଅମଳ ପାଇଁ ଆସନ୍ତା ମେ ମାସ ପ୍ରଥମ ସପ୍ତାହରୁ କେନାଲ ଜଳସେଚନକୁ ବନ୍ଦ କରିବ ବୋଲି ପ୍ରକଳ୍ପ କତୃପକ୍ଷ ସଭାରେ କହିଥିଲେ । ସଭାରେ ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ଡିଆରସିଏସ ପ୍ରମୋଦ ସାହୁ, ସିଡିଏଓ ବିଶ୍ୱେଶର ସାହୁ, ଡିଆଇପିଆରଓ ମନୋଜ ବେହେରା, ସଂପୃକ୍ତ ଜିଲ୍ଲା ବିଭାଗୀୟ ଅଧିକାରୀ, ମିଲର ସଭାପତି ନଳିନୀ ପାଟଯୋଷି, ମିଲର ମହେଶ ବଂଶଲ୍, ଚାଷୀ ପ୍ରତିନିଧି ଦୀପ୍ତି ରଞ୍ଜନ ପ୍ରହରାଜ, ପ୍ରଶାନ୍ତ ପାଟଯୋଶୀ, ଏ ଏ ଓ, ବି ଏ ଓ, ଉପ ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ଆର୍ ଏମ ସି,ପାକ୍ସ କର୍ମକର୍ତା ଉପସ୍ଥିତ ଥିଲେ ।

# ଧର୍ମଶାଳାରେ କିଶାନ ଓ ବରୀରେ ଆରତୀଙ୍କୁ ନେଇ କଂଗ୍ରେସ ଶିବିରରେ ଉତ୍ସାହ

ଧର୍ମଶାଳା, ୧୬/୪ (ନି.ପ୍ର): ସାଧାରଣ ନିର୍ବାଚନ ନିମନ୍ତେ ଅଖିଳ ଭାରତୀୟ କଂଗ୍ରେସ କମିଟି ୨ୟ ପର୍ଯ୍ୟାୟ ବିଧାନସଭା ନିମନ୍ତେ ପ୍ରାର୍ଥୀ ତାଲିକା ଗତ କାଲି ଘୋଷଣା କରିଛି । ଯାଜପୁର ଜିଲାର ୭ଗୋଟି ବିଧାନସଭା ଆସନ ମଧ୍ୟରୁ ୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏହି କ୍ରମରେ ଧର୍ମଶାଳା ବିଧାନସଭା ଆସନ ପାଇଁ ବରିଷ୍ଠ କଂଗ୍ରେସ ନେତା କିଶାନ ପଣ୍ଡା ଓ ବରୀ ବିଧାନସଭା ଆସନ ପାଇଁ ନାରୀ ନେତ୍ରୀ ଆରତୀ ଦେଓଙ୍କ ନାମରେ ଦଳ ମୋହର ମାରିଛି । ଯାହାକୁ ନେଇ ଏହି ଦୁଇ ବିଧାନସଭା କ୍ଷେତ୍ରରେ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି । କିଶାନ ପଣ୍ଡା ଦୀର୍ଘ ଦିନ ଧରି ଧର୍ମଶାଳାରେ କଂଗ୍ରେସ ଦଳା ସହିତ ଜଡିତ ରହି ସଂଗଠନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳରେ ଦଳ ତାଙ୍କ ଉପରେ ଭାରସା କରି ଟିକେଟ ପ୍ରଦାନ କରିଥିବାରୁ ସେ କଂଗ୍ରେସର ସମସ୍ତ କର୍ମକର୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ନାମ ଘୋଷଣା ହେବା ପରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର କୋଣ ଅନୁକୋଣରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ପୂର୍ବରୁ ଧର୍ମଶାଳା ବିଧାନସଭା ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ପ୍ରଣବ କୁମାର ବଳବନ୍ତରାୟ ଓ ବିଜେପି ପକ୍ଷରୁ ସ୍ମୃତିରେଖା ପହିଙ୍କ ନାମ ଘୋଷଣା କରି ସାରିଛି । ସେହିପରିଭାବେ ଯାଜପୁର ଜିଲା ବରୀ ବିଧାନସଭା ଆସନ ପାଇଁ ନାରୀ ନେତ୍ରୀ ଆରତୀ ଦେଓଙ୍କ ଉପରେ ଭରସା କରି ଦଳ ତାଙ୍କ ନାମରେ ମୋହର ମାରିଛି । ପ୍ରାର୍ଥୀ ଦୌଡରେ ଇଂ ଅମରେଶ ପରିଡା,ଅପୂର୍ବ ସାମଲ ଓ ରାଜ୍ୟ ମହିଳା କମିଟି ସଦସ୍ୟା କଳ୍ପନା ପଣ୍ଡାଙ୍କୁ ନିରାଶ ହେବାକୁ ପଡିଛି । ତେବେ ଶ୍ରୀମତି ଦେଓଙ୍କ ନାମ ଘୋଷଣା ହେବା ପରେ ବରୀ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି । ରାତିରେ କର୍ମୀମାନେ ପରସ୍ପରକୁ ମିଷ୍ଟାନ ବଂଟନ କରି ଆତସବାଜି ଫୁଟାଇ ଖୁସିରେ ନାଚି ଉଠିଥିଲେ । ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନ ଅଂଚଳରେ ବିଶେଷ କରି କର୍ମୀମାନଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ଜୋନରେ ଶ୍ରୀମତି ଦେଓ ୨୦୧୨ ମସିହାରେ କଂଗ୍ରେସ ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀନୀ ହୋଇ ବିଜୟୀ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ମମତା ନାୟକଙ୍କୁ ମାତ୍ର ୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଥିଲେ । ପରେ ୨୦୧୭ରେ ପୁନଃବର୍ତ୍ତାର ଲଢି ପରାଜିତ ହୋଇଥିଲେ । ଏବେ ସେ ଜିଲା ମହିଳା ସଭାନେତ୍ରୀଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ନାମ ଘୋଷଣା ହେବା ପରେ ସେ ଏଆଇସିସିର ସମସ୍ତ କର୍ମକର୍ତା ଓ ବରୀ ନିବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ଦେଇ ଥିବା ପ୍ରତିଶ୍ରୁତି ଲୋକେଙ୍କ ନିକଟରେ ପଂହଚାଇ ନିଜ ସପକ୍ଷରେ ଭୋଟ ଭିକ୍ଷା କରିବା ସହ ବରୀ ଅଂଚଳ ଏକ ବନ୍ୟାଅଂଚଳଭାବେ ବେଶ ପରିଚିତ । ବରୀ ବିକାଶ ସମ୍ପୂର୍ଣ୍ଣଭାବେ ଭୁଷୁଡି ଯାଇଛି । ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନର ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏସବୁ ଘଟଣାକୁ ନେଇ ଲୋକଙ୍କ ନିକଟରେ ପଂହଚି ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରିବେ ବୋଲି ଶ୍ରୀମତି ଦେଓ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଓ ବିଜେପି ପକ୍ଷରୁ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହିଁ ।

## ଯୁବ ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଭୁବନ, ୧୬/୪ (ନି.ପ୍ର): ଭୁବନ ଅଂଚଳର ଯୁବ ଲେଖକ , ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ସମର କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳନ ତଥା ବାର୍ଷିକ ଉତ୍ସବ ପାଳନ ଅବସରରେ ବଡ଼ଜେନା ସାହିତ୍ୟ ସଂସଦ,ରାଧାଦେଇପୁର ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ତଥା କବି ଶ୍ରୀନିବାସ ହୋତା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ,କବି ନିର୍ମଳା ମହାପାତ୍ର, ସାହିତ୍ୟ ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ, ସମ୍ପାଦକ ପ୍ରେମାନନ୍ଦ ରାଉତ,ସହ ସମ୍ପାଦକ ଦେବୀ ପ୍ରସାଦ ନାୟକ , ସାମ୍ବାଦିକ ବିନୋଦିନୀ ରାଉଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀ ଓଡିଶାର କଳା ଓ ସାଂସ୍କୃତି ଉପରେ ଅନେକ ଆଲେଖ୍ୟ ଲେଖି ରାଜ୍ୟର ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ଭୁବନ ସାମ୍ବାଦିକ ସଂଘ ତରଫରୁ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଗୁଣିଗାରେଡିକୁ ନେଇ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ

ରାଉରକେଲା, ୧୬/୪ (ନି.ପ୍ର): ରାଉରକେଲା ପୁଲିସି ଜିଲ୍ଲାରେ ୨୦୧୫ ମାସିହାରେ ଗୁଣିଗାରେଡିକୁ ନେଇ ଘଟିଥିବା ଏକ ହତ୍ୟା କାଣ୍ଡର ବିଚାର କରି ଆଜି ରାଉରକେଲା ଏଡିଜେ କୋର୍ଟ ଅଭିଯୁକ୍ତକୁ ଆଜୀବାନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୨୦୧୫ ମସିହାରେ ବ୍ରାହ୍ମଣୀ ତରଙ୍ଗ ଥାନା ଅର୍ନ୍ତଗତ ଦଣ୍ଡିଆପାଲ୍ଲି ନିକଟସ୍ତ ଟଙ୍କା ଟୋଲି ଗାଁ ରେ ରହୁ ଥିବା ଦୁଇ ବୃଦ୍ଧା ଦଂପତି କାଳିଆ ପାନ୍ନା ଓ ପୁର୍ଣିମା ପାନ୍ନାଙ୍କୁ ଗୁଣି ଗାରେଡି କରୁଥିବା ନେଇ ସେହି ଗାଁର ରାଜୁ ପାନ୍ନା ସନ୍ଦେହ କରୁଥିଲା, ତେବେ ବୃଦ୍ଧ ଦଂପତି ଶୋଇଥିବା ବେଳେ ରାଜୁ ଘରେ ପଶି ଦୁଇଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ନେଇ ଥାନାରେ ରିପୋର୍ଟ ହୋଇଥିଲା, ପରେ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା, ଆଜି ସମସ୍ତ ପ୍ରମାଣ, ସାକ୍ଷୀଙ୍କୁ ଆଧାର କରି ମାନ୍ୟବର ଦ୍ୱିତୀୟ ଏଡିଜେ କୋର୍ଟ ଅଭିଯୁକ୍ତକୁ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି ।

# ପଣା ସଂକ୍ରାନ୍ତି ହନୁମାନ ଜନ୍ମୋତ୍ସବରେ ରାଜନେତାଙ୍କ ପଣା ରାଜନୀତି

ବଲାଙ୍ଗିର, ୧୬/୪ (ନି.ପ୍ର): ବଲାଙ୍ଗୀର ସହରରେ ଚଳିତବର୍ଷ ହନୁମାନ ଜନ୍ମୋତ୍ସବ ,ଓଡିଆ ନବବର୍ଷ ତଥା ପଣାସଂକ୍ରାନ୍ତିକୁ ଧୂମଧାମରେ ପାଳନ କରାଯାଇଛି । ପ୍ରାୟ ପ୍ରତ୍ୟେକ ଛକରେ ସ୍ଥାନୀୟ ଯୁବକମାନେ ତଥା ବଜାର କମିଟ ପକ୍ଷରୁ ପଣା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହନୁମାନ ମନ୍ଦିର, ରାମମନ୍ଦିର ଓ ଅନ୍ୟାନ୍ୟ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜା କମିଟି ପକ୍ଷରୁ ପଣାବଂଟନ କରାଯାଇଥିଲା । କିନ୍ତୁ ଚଳିତଥର ପଣା ସଂକ୍ରାନ୍ତି ଟିକେ ନିଆରା ଥିଲା । ରାଜନେତାମାନେ ବିଭିନ୍ନ ସ୍ଥାନରେ ତାଙ୍କର ପ୍ରାୟୋଜିତ ପଣା ବଂଟନ କାର୍ଯ୍ୟକ୍ରମ କରାଇଥିବା ଦେଖାଯାଇଥିଲା । କଂଗ୍ରେସଦଳ ପକ୍ଷରୁ ପକ୍ସାବଲାଙ୍ଗୀରିଆ ବ୍ୟାନର ଲଗାଇ ପାଣା ବଂଟନ କରାଯାଉଥିଲା । ସେହିପରି ବିଜେଡି ସମର୍ଥିତ ଗୋଷ୍ଠୀ ମଧ୍ୟ ସ୍ଥାନେ ସ୍ଥାନେ ପଣା ବଂଟନ କରାଉଥିଲେ । ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ,ବିଜେଡି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ,ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ପଡାପଡା ବୁଲି ଲୋକଙ୍କ ସହିତ ମିଶି ପଣା ପିଇଥିଲେ । ଠିକ ସେହିପରି କଂଗ୍ରେସର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ମଧ୍ୟ ତାଙ୍କ ସମର୍ଥକଙ୍କ ସହିତ ମିଶି ସହରରେ ବୁଲି ବୁଲି ତାଙ୍କର ପଣାବଂଟନ ଦେଖିବା ସହିତ ଲୋକଙ୍କ ସହିତ ମିଶି ପଣା ପିଉଥିଲେ । ନିର୍ବାଚନ ପାଇଁ ରାଜନେତାଙ୍କ ପଣା ରାଜନୀତିକୁ ନେଇ ଯୋର ଚର୍ଚ୍ଚା ଚାଲିଛି । ସ୍ଥାନୀୟ ରୁଗୁଡିପଡା ମାଛବଜାରର ସେରସୁଆଁଗୁଡି କମିଟି ତରଫରୁ ଆୟୋଜିତ ପଣା ବଂଟନ କାର୍ଯ୍ୟକ୍ରମରେ କଂଗ୍ରେସର ସମରେନ୍ଦ୍ର ମିଶ୍ର, ବିଜେଡିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଉପସ୍ଥିତ ରହି ପଣା ପିଇଥିଲେ ଓ ଯୁବକମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସେରସୁଆଁ ଗୁଡିକମିଟିର ସଭାପତି କମ୍ଭୁପାଣି ପୂଜାରୀ, ବିଶ୍ୱମୟ ପୂଜାରୀ, ପ୍ରଦ୍ୟୁମ୍ନ ମିଶ୍ର, ଶ୍ରୀମନ୍ତ ପଣ୍ଡା, ଅନୀଲ ନନ୍ଦ, ରାଜୁ ଦାସ, ରଘୁନନ୍ଦନ ସିଂ, ସୁରମ୍ୟ ମିଶ୍ର, ଶିବରାନାୟଣ ପୁରୋହିତ, ଉପଦେଷ୍ଟା ପ୍ରଭାସ ପାଣିଗ୍ରାହୀ, ଶିବ ବେହେରା, ହିମାଂଶୁ ନାୟକ, ବବନ ମିଶ୍ର, ସୁଦାମ ସାହୁ, ଦୀନବନ୍ଧୁ ସେଠ, ଚନ୍ଦ୍ରମଣୀ ତ୍ରୀପାଠୀ, ଶ୍ରୀଧର,ଦାସ,ଟିଙ୍କୁ ପ୍ରମୁଖ ସଭ୍ୟ ଉପସ୍ଥିତ ରହିଥିଲେ ।

# ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଯୋଜନା

ସମ୍ବଲପୁର, ୧୬/୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥର ରେଳଷ୍ଟେସନ ଏବଂ ଟ୍ରେନ୍ ଗୁଡ଼ିକରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ସ୍ଥାନ ଓ ଟ୍ରେନ୍‌ମାନଙ୍କରେ ସ୍ୱଚ୍ଛ ତଥା ଥଣ୍ଡା ପାନୀୟ ଜଳର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କର୍ତୃପକ୍ଷ କହିଛନ୍ତି । ଏ ନେଇ ଅଧିକାରୀମାନେ ସମୀକ୍ଷା କରିବା ସହିତ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ରେଳ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଗାଇଡ଼ ଲାଇନ୍ ଜାରି କରିଛନ୍ତି । ସମସ୍ତ ୱାଟରକୁଲରଗୁଡ଼ିକୁ କାର୍ଯ୍ୟକ୍ଷମ କରି ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ, ସମ୍ବେଦନଶୀଳ ରେଳଷ୍ଟେସନ ମାନଙ୍କରେ ଜଳ ଯୋଗାଣ ପାଇଁ ଆବଶ୍ୟକ ଅନୁସାରେ ୱାଟର ଟେଙ୍କର ବ୍ୟବସ୍ଥା, ପାନୀୟ ଜଳର ଉପଲବ୍ଧତା ସମ୍ପର୍କରେ ପ୍ଲାଟଫର୍ମମାନଙ୍କରେ ନିୟମିତ ଯାଂଚ୍ ପାଇଁ ପଦକ୍ଷେପ ନିଆଯାଇଛି । ବେସରକାରୀ ଓ ସାମାଜିକ ସଂଗଠନମାନଙ୍କ ସହଯୋଗରେ, ବିଶେଷ କରି ପାନୀୟ ଜଳ ବିତରଣ ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସ୍କାଉଟ୍‌ସ୍ ଏବଂ ଗାଇଡ଼ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ସହାୟତା ନେବା ତଥା ଜଳର ଅଭାବ ହେଲେ ସେଠାକାର ପୌରସଂସ୍ଥା ଓ ରାଜ୍ୟ ସରକାରଙ୍କ ସହାୟତାରେ ବିକଳ୍ପ ବ୍ୟବସ୍ଥା, ଜରୁରୀ ସ୍ଥିତି ଉପୁଜିଲେ ପାନୀୟ ଜଳ ସମସ୍ୟାର ପ୍ରତିକାର ପାଇଁ ଜରୁରୀକାଳୀନ ବ୍ୟବସ୍ଥା ସକାଶେ ୨୪ ଘଂଟିଆ ଅନୁଧ୍ୟାନକୁ କର୍ତୃପକ୍ଷ ପରାମର୍ଶ ଦେଇଛନ୍ତି ।

# ମା' ହିଙ୍ଗୁଳା ଦେବୀଙ୍କ ଯଜ୍ଞୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

କୋରେଇ, ୧୬/୪ (ନି.ପ୍ର): ଆଦ୍ୟାଶକ୍ତି ,ଅଗ୍ନିଭୂତା ଦେବୀ ମା ହିଙ୍ଗୁଳାଙ୍କ ପୁଜାଚନା ଆସନ୍ତା ଶୁକ୍ଳ ଚତୁର୍ଦ୍ଦଶୀ ଇଂରାଜୀ ତା ୨୨ ରିକରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଇତ୍ୟ ଅବସରରେ କୋରାଇ ବ୍ଲକ ଖମଣ ପଂଚାୟତ ଅନ୍ତର୍ଗତ ମା ହିଙ୍ଗୁଳା ଦେବୀଙ୍କ ପୀଠାରେ ମାଙ୍କର ୯୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ଏଥି ନିମନ୍ତେ ମା ହିଙ୍ଗୁଳା କମିଟିର ଏକ ପ୍ରସ୍ତୁତି ବୈଠକ ମାଙ୍କ ପୀଠ ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । କମିଟିର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ କୃଷ୍ଣଜନ୍ଦ୍ର ସାହୁ(୨)ବାବୁଲି ମାଙ୍କ ବାର୍ଷିକ ଆୟବ୍ୟୟର ହିସାବ ପ୍ରଦାନ କରିବା ସହିତ ଚଳିତ ବର୍ଷ ମାଙ୍କର ପୁଜାର୍ଚ୍ଚନା ନେଇ ସୁଚନା ପ୍ରଦାନ କରିଥିଲେ । ଚଳିତ ବର୍ଷ ମାଙ୍କ ପୁଜାର୍ଚ୍ଚନା ଶାନ୍ତିଶୃଙ୍ଖଳା ଓ ଆଡ଼ମ୍ବରର ସହିତ ପାଳନ କରିବା ଲାଗି ବୈଠକରେ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ସଭାପତି ସମ୍ପାଦକଙ୍କ ସମେତ ସଦସ୍ୟ ମହେନ୍ଦ୍ର କୁମାର ନାୟକ,ସୁରେନ୍ଦ୍ର କୁମାର ସାହୁ,ପ୍ରକାଶ ପୃଷ୍ଟି,ବଳରାମ ସାହୁ,ଦଶରଥ ନାୟକ,ବିମ୍ବାଧର ସାହୁ,ଅମୁଲ୍ୟ କୁମାର ସାହୁ,ରବିନ୍ଦ୍ର କୁମାର ସାହୁ,ଚକ୍ରଧର ସାହୁ,ବାଇଧର ନାୟକ,ପ୍ରଶାନ୍ତ କୁମାର ଗୁରୁ,ବିମ;ଳନ୍ଦୁ ସାହୁ,ଗଜେନ୍ଦ୍ର କୁମାର ମହାକୁଡ଼,କୈଳାସ ଚନ୍ଦ୍ର ସାହୁ,ପ୍ରଭାତ କୁମାର ପଥାଲ,ଅଭିରାମ ସାହୁ,ପ୍ରୁଲ୍ଲ କୁମାର ସାହୁ,କୃଷ୍ଣଚନ୍ଦ୍ର ମଳିକ,ଜଗବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ବାବୁଲାଲ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ଜିଲ୍ଲାରେ ୧୨୨ ପିଙ୍କ, ୧୮୯ ଆଦର୍ଶ ବୁଥ୍‌ରେ ଭୋଟ୍ ଗ୍ରହଣ

ସମ୍ବଲପୁର, ୧୬/୪ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ସମ୍ବଲପୁର, ରେଙ୍ଗାଲି, ରେଢ଼ାଖୋଲ ଏବଂ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୭୪୭୨୪ ଜଣ ଯୁବ ଭୋଟର ସାମି

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଉଦଳା, ୧୬/୪ (ନି.ପ୍ର): ଆଗକୁ ଆସୁଛି ନିର୍ବାଚନ । ଏଥିପାଇଁ ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଆଜି ଏପ୍ରିଲ ୧୬ ତାରିଖ ମଙ୍ଗଳବାର ଦିନ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ପ୍ରତିଯୋଗିତା ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୁଷଣ ପାଣିଗ୍ରାହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା ପୃଥିବିର ଅନ୍ୟ ସମସ୍ତ ଦେଶ ପାଇଁ କିପରି ଦୃଷ୍ଟାନ୍ତ ପାଲଟିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତିକ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହି ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ଭୋଟ ଦାନ ଏକ ପବିତ୍ର କର୍ତବ୍ୟ, କୌଣସି ପ୍ରକାର ପ୍ରଲୋଭନରେ ବଶବର୍ତି ନହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ବ୍ୟକ୍ତ କରିଥିଲେ । ଛାତ୍ରୀ ମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରୀ ଚଳିତ ବର୍ଷ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ବେଳେ ସେମାନଙ୍କୁ, ଇଭିଏମ୍ ମେସିନ ରେ କିପରି ଭୋଟ ଦିଆଯାଏ ଏବଂ ଭୋଟର କାହାକୁ ଭୋଟ ଦେଲେ ଜାଣିବା ପାଇଁ ଭିଭିପାଟ ମାଧ୍ୟମରେ ଅଳ୍ପ ସମୟ ପାଇଁ କିପରି ପ୍ରଦର୍ଶିତ ହୁଏ ସେ ବିଷୟରେ ଅବଗତ କରାଇଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଓ ଭୋଟ ଦାନ ସମ୍ପର୍କିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା । ପରେ ଅଧ୍ୟାପିକା ମଂଜୁଳା କଲିଆ ଦେଶରେ ଗଣତନ୍ତ୍ରକୁ ବଂଚାଇ ରଖିବାକୁ ହେଲେ ଭୋଟ ଦାନ କିପରି ଅପରିହାର୍ଯ୍ୟ ଅଟେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

# ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ ଏପ୍ରିଲ ୨୧ରେ

ବାସୁଦେବପୁର, ୧୬/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ୧୩ ତମ୍ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ । ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, କବି ଡକ୍ଟର ରଜନୀ ରଞ୍ଜନ ଦାଶ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନି ର ସମ୍ପାଦିକା ସୈରିନ୍ଧ୍ରି ସାହୁ, ଗାଳ୍ପିକ ଅଜୟ ସ୍ୱାଇଁ, କବି ଶ୍ରୀଦେବ, ଶିକ୍ଷାବିତ୍ ଦୁଃଶାସନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବ । ଏହି ସଭାରେ ଅତିଥି ଭାବେ ଯୋଗଦେବେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, କବି ସୁରେନ୍ଦ୍ର ପାଣିଗ୍ରାହୀ, କବି ସରୋଜ ବଳ, କବି ଲାବଣ୍ୟ ନାୟକ, କବି ବିପ୍ଳବ ରଞ୍ଜନ ପତି, କବି ସତ୍ୟ ସାହୁ । କବିତା ସଂଯୋଜନା କରିବେ କବି ମମତା ସାହୁ, କବି ମାନସ ରଞ୍ଜନ ପଣ୍ଡା, ଅଧ୍ୟାପକ ପ୍ରବୀଣ କବି ଓ କବି ଶିବାନନ୍ଦ ବାରିକ। ଏହି ଉତ୍ସବରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ସାହିତ୍ୟିକା ଡକ୍ଟର ଝରଣା ପଟ୍ଟନାୟକ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ର, କବି ଚିତ୍ତ ରଞ୍ଜନ ନାୟକ, କବି ପଦ୍ମଜା ଶରଣ, ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ, ପରାଗ ସମ୍ପାଦକ ବନମାଳି ସେନାପତି, କବି ଶରତ ଚନ୍ଦ୍ର ମହାପାତ୍ର, ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, କବି କାଳୀପଦ ପଣ୍ଡା, ଅନୁବାଦିକା ଡକ୍ଟର ବନ୍ଦିତା ଠା କୁରିଆ ଓ ଯୁବ କବି ପତିତପାବନ ପାଣି । ଏହି ଉତ୍ସବରେ ବହୁ ସଂଖ୍ୟାରେ ସମସ୍ତଙ୍କୁ ଯୋଗ ଦେବା ପାଇଁ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ବିନମ୍ର ଅନୁରୋଧ ଜଣାଇଛନ୍ତି ।

# ବିଜେପିର ସଂକଳ୍ପ ପତ୍ର-୨୦୨୪: ମୋଦିଙ୍କ ଗ୍ୟାରେଣ୍ଟି ପ୍ରସଙ୍ଗରେ ସର୍ବାଧିକ ଲାଭାନ୍ୱିତ ହେବ ଓଡିଶା: ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର, ୧୬/୪ (ନି.ପ୍ର): ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ଦେଶବାସୀଙ୍କୁ ଦିଆଯାଇଥିବା ଅଧିକାଂଶ ପ୍ରତିଶ୍ରୁତି ପୂରଣ କରାଯାଇଛି । ଏହା ପରେ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରାଯାଇଛି। ଏହି ଦୁଇଟି ନିର୍ବାଚନରେ ୯୫ ପ୍ରତିଶତ ସଫଳତା ସହିତ ସମୁଦାୟ ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ୨୨୨ଟି ପ୍ରତିଶ୍ରୁତିକୁ ପାଳନ କରିଛନ୍ତି ମୋଦିଜୀ । 'ରିଫର୍ମ - ପରଫର୍ମ – ଟ୍ରାନ୍ସଫର୍ମ'କୁ ମୂଳମନ୍ତ୍ର ଏବଂ ସବକା ସାଥ୍?, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସକୁ ଆଧାର କରି ମୋଦି ସରକାର "ସୁରକ୍ଷିତ ଭାରତ – ସମୃଦ୍ଧ ଭାରତ" ଗଠନ ପାଇଁ ସଂକଳ୍ପ ନେଇଛନ୍ତି । ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଉଦ୍ଦେଶ୍ୟରେ ବିଜେପି ତରଫରୁ "ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି" ପ୍ରକାଶ ପାଇଛି । ସୋସିଆଲ, ଫିଜିକାଲ୍ ଓ ଡ଼ିଜିଟାଲ ଭିତ୍ତିଭୂମିକୁ ସୁଦୃଢ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଗଠନ'ରେ 'ବୁଷ୍ଟର' ସଦୃଶ ହେବ ବୋଲି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଆଜି ବାଲେଶ୍ୱର ଲୋକସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ଯାହାର କେହି ନାହିଁ, ତା ପାଖରେ ମୋଦି ଗ୍ୟାରେଣ୍ଟି ରହିଛି । ସମଗ୍ର ଦେଶରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଣ୍ଟିରୁ ସର୍ବାଧିକ ଲାଭ ପାଇବ ବାଲେଶ୍ୱର ସମେତ ସମଗ୍ର ଓଡିଶା ରାଜ୍ୟ। ବିଶେଷ ଭାବେ ଚାଷୀ, ଗରିବ, ମହିଳା ଓ ଯୁବବର୍ଗ ପାଇଁ ଉତ୍ସର୍ଗୀକୃତ "ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି" । ବିଶେଷ ଭାବେ ୮୦ କାଟି ଦେଶବାସୀଙ୍କୁ ପ୍ରତି ମାସ ମାଗଣା ରାସନ ପ୍ରଦାନ କରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି । ଗରୀବ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ୩ କୋଟି ବାସଗୃହ, ସମସ୍ତଙ୍କୁ ପାନୀୟ ଜଳ ଓ ବିଜୁଳି ଯୋଗାଣ; ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ, ପାଇପ ଜରିଆରେ ରୋଷେଇ ଗ୍ୟାସ ଯୋଗାଣ; ମୁଦ୍ରା, ସ୍ୱନିଧି ଯୋଜନାରେ ଯୁବକଙ୍କୁ ଆତ୍ମନିର୍ଭରତା; ଏସଏଚଜି ଜରିଆରେ ମହିଳା ସଶକ୍ତିକରଣ କରାଯିବା ସହିତ କର୍ମଜୀବି ମହିଳାଙ୍କ ପାଇଁ ହଷ୍ଟେଲ ଓ ଶିଶୁ ଗୃହ ନିର୍ମାଣ କରାଯିବ; ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ, କୃଷିଭିତିକ ଶିଳ୍ପ ପ୍ରତିଷ୍ଠାନ, ଶ୍ରୀଅନ୍ନର ଗୁରୁତ୍ୱ, ପିଏମକିସାନ ଜରିଆରେ ଆର୍ଥିକ ସହାୟତା ପ୍ରଦାନ ଆଦି ଜରିଆରେ କୃଷକକଲ୍ୟାଣକୁ ପ୍ରାଧାନ୍ୟ ଦେଇଛନ୍ତି ମୋଦିଜୀ । ଏହା ବ୍ୟତୀତ ପର୍ଯ୍ୟଟନ ଶିଳ୍ପର ବିକାଶକୁ ମଧ୍ୟ ଗରୁତ୍ୱ ଦିଆଯାଇଛି । ଭିତ୍ତିଭୂମି ଓ ନୂତନ ଶିକ୍ଷାନୀତିକୁ ସଶକ୍ତ କରାଯାଇଛି । ଆକଶ, ଜଳ, ରେଳ ଓ ସଡ଼କ ଗମନାଗମନ କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଆସିଛି । ଏକଲବ୍ୟ ବିଦ୍ୟାଳୟଠାରୁ ଆରମ୍ଭ କରି ଆଇଆଇଏମ, ଆଇଆଇଟି, ମେଡ଼ିକାଲ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ସମ୍ମାନିତ କରିବା ପାଇଁ ମୋଦିଜୀ କାର୍ଯ୍ୟରତ । ଆୟୁଷ୍ମାନ ଭାରତ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରାଯିବ । ସମାନ ନାଗରିକତା ସଂହିତା ଲାଗୁ ହେଲେ ପଡୋଶୀ ରାଷ୍ଟ୍ରରୁ ଅତ୍ୟାଚାରର ଶିକାର ହୋଇ ଫେରିଥିବା ମୂଳ ଭାରତୀୟଙ୍କୁ ସମ୍ମାନ ମିଳିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଦେଶର ସୀମା ଆଜି ସୁରକ୍ଷିତ । ଗଣତନ୍ତ୍ର ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ "ଗୋଟିଏ ଦେଶ, ଗୋଟିଏ ନିର୍ବାଚନ" କାର୍ଯ୍ୟକାରୀ କରାଯିବ । ପ୍ରଦୂଷଣ ହ୍ରାସ କରିବା ପାଇଁ ଇଭି ଗାଡି ଚଳାଚଳକୁ ପ୍ରୋତ୍ସାହିତ କରାଯିବ । ପିଏମ ସୂର୍ଯ୍ୟ ଘର ଯୋଜନାରେ ଗ୍ରୀନ ଏନର୍ଜିକୁ ପ୍ରୋତ୍ସାହନ ମିଳିବ । ବନ୍ଦେ ଭାରତ ଭଳି ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଖୁବ ଶୀଘ୍ର ବୁଲେଟ ଟ୍ରେନ ଚାଲିବ ବୋଲି ସଂକଳ୍ପ ପତ୍ରରେ ପ୍ରକାଶ ପାଇଛି । ମୋଦିଙ୍କ ଗ୍ୟାରେଣ୍ଟି ଦ୍ୱାରା ଓଡିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହେବ । ତେଣୁ ଏଭଳି ସଂକଳ୍ପ ପତ୍ର ପ୍ରକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।

**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

ବିଜ୍ଞପ୍ତି ସଂଖ୍ୟା: (୧) **114-ELC-G- KGP-23-24-44R2, (2) 114-ELC-G-KGP- 24-25-02, 15.04.2024 SR.** ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜି), ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର- ୭୨୧୩୦୧ ଏବଂ ଭାରତ ରାଷ୍ଟ୍ରପତିଙ୍କ ତରଫରୁ **୧୨.୦୦ ଘଣ୍ଟା ପୂର୍ବରୁ** ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରନ୍ତି । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖରେ । **ସିରିଏଲ ନଂ. କାର୍ଯ୍ୟର ବର୍ଣ୍ଣନା: (୧)** ଦୀପ ଟ୍ୟୁବଓ୍ୱେଲ ଯୋଗାଇବା ପାଇଁ ବୈଦ୍ୟୁତିକ କାର୍ଯ୍ୟ, ୧୦ ଟି ଷ୍ଟେସନରେ ଡଏୀ ଟ୍ୟାଙ୍କ ସହିତ ପୁରୁଣା କରଗେଜ୍ ପାଇପଲାଇନକୁ ବଦଳାଇବା । **(୨)** ଏଲ୍ ରିଲେ ରୁମ୍, ଚଓ ରିଲେ ରୁମ୍ ଏବଂ ଖରାଗପୁର ଡିଭିଜନରେ ସିଗ୍ନାଲ୍ ଗୁମ୍ଭିରେ ଶ୍ରୀ କଣ୍ଡିସନ୍ ବଦଳାଇବା ପାଇଁ ବୈଦ୍ୟୁତିକ କାର୍ଯ୍ୟ **ଟେଣ୍ଡର ମୂଲ୍ୟ:** ୧୦,୫୭,୮୬୧.୧୮ (ସ୍ଲୁ। ନମ୍ବର ୧ ପାଇଁ), ୭୮,୫୩,୩୯୦.୭୨ (ସ୍ଲୁ। ନମ୍ବର ୨ ପାଇଁ) । **ଇଏମଡି:** ୨୧,୨୦୦ / - (ସିରିଏଲ ନମ୍ବର- ୧ ପାଇଁ), ୧,୫୭,୧୦୦ / - (ସିରିଏଲ ନମ୍ବର ୨ ପାଇଁ) । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ ନିଲ୍ । **ସମାପ୍ତି ଅବଧି:** ଚିଠି ପତ୍ର ଗ୍ରହଣ ତାରିଖ ଠାରୁ ୬ ମାସ (Sl.No. 1 ପାଇଁ) ଏବଂ ୧୨ ମାସ (ସିରିଏଲ ନଂ ୨ ପାଇଁ) । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ପ୍ରତ୍ୟେକ ପାଇଁ ୦୮.୦୫.୨୦୨୪ ।
**ଖୋଲିବାର ତାରିଖ:** ପ୍ରତ୍ୟେକ ପାଇଁ ୦୮.୦୫.୨୦୨୪ । ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପ୍ପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀ କର୍ମୀମାନେ ନିୟମିତ ଭାବରେ **'www.ireps.gov.in"** ପରିଦର୍ଶନ କରିପାରିବେ ।

**(PR-39)**

# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଅଗ୍ନିସେବା ସପ୍ତାହ ଉଦ୍‌ଯାପିତ

ପାରାଦୀପ, ୧୬/୪ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଏପ୍ରିଲ ୧୫ ରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶ୍ରମ ସପ୍ତାହ ପାଳନ କରାଯାଏ।ଏହି ଅବସରରେ ଆଜି ଠାରୁ ଅଗ୍ନିଶ୍ରମ ସପ୍ତାହ ଉଦଘାଟିତ ହୋଇଯାଇଛି।୧୯୪୪ ମସିହା ଏପ୍ରିଲ ୧୪ ତାରିଖରେ ବମ୍ବେ ଡକ ବିସ୍ଫୋରଣ ରେ ପ୍ରାଣ ହରାଇଥିବାସାହସୀ ଅଗ୍ନିଶ୍ରମ କର୍ମଚାରୀ ଏବଂ ଅଧିକାରୀ ମାନଙ୍କୁ ଶ୍ରଦ୍ଧା ସୁମନ ଜଣାଇବା ପାଇଁ ପ୍ରତିବର୍ଷ ଜାତୀୟ ଅଗ୍ନିଶ୍ରମ ସପ୍ତାହ ପାଳନ କରାଯାଇଥାଏ।ଚଳିତ ବର୍ଷ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରେ ଏହି ସଚେତନତା ସପ୍ତାହ ବନ୍ଦର କର୍ମଚାରୀ, ହିତାଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ତଥା ବିଦ୍ୟାଳୟ ର ପିଲାମାନଙ୍କୁ ନେଇ ଅଗ୍ନି ବିପଦ, ଅଗ୍ନି ସମ୍ପର୍କରେ ଶିକ୍ଷା ଦିଆଯିବା ପାଇଁ ମୁଖ୍ୟ ଥିନ ଭାବରେ ରାଷ୍ଟ୍ର ନିର୍ମାଣ ରେ ଅଗ୍ନି ନିରାପତ୍ତା ଓ ଏହାର ନୁଷ୍ଠିତତାକୁ ପାଳନ କରାଯାଉଛି।ଏହି ସମାରୋହ ସିଆଇଏସଏଫ ଫାୟାର ଉଇଙ୍ଗ ର ଅଗ୍ନିଶ୍ରମ କେନ୍ଦ୍ରରେ ଉଦଘାଟନ ହୋଇଯାଇଛି।ଏହି ଅବସରରେ ବନ୍ଦରର ଅଧ୍ୟକ୍ଷ ପିଏଲ ହାରନାଦ ସିଆଇଏସଏଫ ଫାୟାର ଉଇଙ୍ଗ ର ଚ୍ୟାରମ୍ୟାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ସମାବେଶକୁ ସମ୍ବର୍ଦ୍ଧିତ କରି ଅଧ୍ୟକ୍ଷ ମହୋଦୟ ଅଗ୍ନି ନିରାପତ୍ତା ସଚେତନତା ଉପରେ ବୁରୁତ୍ୱାରୋପ କରିଥିଲେ।ଏବଂ ୧୧୪ ଟି ଫାୟାର ଉଇଙ୍ଗ ୟୁନିଟ ମଧ୍ୟରେ ରନର୍ସଅଫ ଟ୍ରଫି ପ୍ରଦାନ କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।ସମାବେଶର ଆରମ୍ଭରେ ସିଆଇଏସଏଫ କମାଡାଣ୍ଡଅକ୍ଷେତ ପଟେଲ ଆମନ୍ତ୍ରଣକାରୀ ମାନଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ।ଶେଷରେ ଡେପୁଟି କମାଡାଣ୍ଡ ଶ୍ରୀ ବିଷ୍ଣୁ ସୋରୁପ ସମସ୍ତ ମାନଗଣ୍ୟ ଓ ଆମନ୍ତ୍ରିତ ବ୍ୟକ୍ତି ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏବଂ କାର୍ଯ୍ୟକ୍ରମ କୁ କମ୍ପାନୀ କମାଣ୍ଡର ଫାୟାର ଉଇଙ୍ଗ ଇନିସ୍ପେକ୍ଟର ଭାସ୍କର ଦାସ ପରିଚାଳନା କରିଥିଲେ।

## ଚମ୍ପୁଆ ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସି ଜଣେ ମୃତ

ଚମ୍ପୁଆ, ୧୬/୪ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ଜଣେ ବ୍ୟକ୍ତି ଚିକିତ୍ସିତ ହେବା ପୂର୍ବରୁ ମୃତ୍ୟୁବରଣ କରିଥିବା ଜଣା ପଡିଛି । ମିଳିଥିବା ଖବର ଅନୁସାରେ, ଆଜି ସକାଳ ପ୍ରାୟ ଦଶଟା ସମୟରେ ଜଣେ ବ୍ୟକ୍ତି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ହେବା ପାଇଁ ଆସି ଥିବାବେଳେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ମୃତ୍ୟୁ ବରଣ କରିଛି। ମୃତ ବ୍ୟକ୍ତିଙ୍କ ନାମ ସକରୁଲା ଖାନ୍ ଘର ରାଜସ୍ଥାନ ଭରତପୁର ଜିଲ୍ଲାର ଜଲାଲପୁର ବୋଲି ଜଣାପଡିଛି। ସେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେବେ ଆଜି ସେ ରିମୁଳି ନୋ ଏଂଟ୍ରିରେ ଗାଡି ଛାଡି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ହେବା ପାଇଁ ଆସିଥିବା ବେଳେ ଡାକ୍ତରଖାନା ପରିସରରେ ହଠାତ ପଡି ଯାଇଥିଲେ। ସଙ୍ଗେ ସଙ୍ଗେ ଡାକ୍ତରଖାନା କର୍ମଚାରୀ ଡାକ୍ତରଖାନାରେ ଭର୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ଖବର ପାଇ ଚମ୍ପୁଆ ପୋଲିସ ଡାକ୍ତରଖାନାରେ ପହଂଚି ମୃତଦେହକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ବି ବାବା ରାମ

ବୁଧବାର, ଏପ୍ରିଲ ୧୭, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବଳାଙ୍ଗୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା : ସମ୍ବଲପୁରୀ ଏବଂ ଡାଲଖାଇ ନୃତ୍ୟରେ ଝୁମିଲେ ଦର୍ଶକ

ବାରିପଦା , ୧୬/୪ (ନି.ପ୍ର): ଆଜି ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବର ୨ୟ ସନ୍ଧ୍ୟାରେ ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ନୃତ୍ୟ ପ୍ରତିଯୋଗିତାର ସବ ଜୁନିୟର ଏବଂ ଜୁନିୟର ବିଭାଗର ଫାଇନାଲ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପ୍ରତିବିଭାଗରୁ ୧୦ଜଣ ଲେଖାଏଁ ଉତୀର୍ଣ୍ଣ ପ୍ରତିଯୋଗୀ ମାନେ ନୃତ୍ୟ ପ୍ରଦର୍ଶନ କରିଥିବା ବେଳେ, ବିଚାରକ ଭାବରେ ଭୁବନେଶ୍ୱରରୁ ବିଶିଷ୍ଟ କରିଓ ଗ୍ରାଫର ମାଷ୍ଟର ସିମନ ଏବଂ ମୁମ୍ବାଇରୁ କରିଓଗ୍ରାଫର ମାଷ୍ଟର ଅଜିତ ଯୋଗଦେଇ ପିଲା ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ପରେ ପରେ ପ୍ରସିଦ୍ଧ ସମ୍ବଲପୁରୀ ଏବଂ ଡାଲଖାଇ ନୃତ୍ୟ ପରିବେଷିତ ହୋଇଥିଲା । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧକ୍ଷ ଅରବିନ୍ଦ ଦାସ, ଉପାଧକ୍ଷ ରାଜୀବ ଲୋଚନ ସେନାପତି, ସାଂସ୍କୃତିକ ସଚିବ ବଳରାମ ବେହେରା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗଦେଇ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ ।

## ଭାରତୀୟ ପ୍ରଶାସନିକ ସେବା ପାଇଁ ମନୋନୀତ ବିଶ୍ୱଜିତ: ପରିବାରକୁ ଛୁଟିଲା ସମ୍ବର୍ଦ୍ଧନାର ସୁଅ

ଖଇରା, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ଗ୍ରାମପଞ୍ଚାୟତ ନୂଆଗାଁବଡ ଗ୍ରାମ ରାଉତରାପୁର ଶାସନ ର ବିଶ୍ୱଜିତ ପଣ୍ଡା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା (ୟୁପିଏସ୍‌ସି)ର ସର୍ବଭାରତୀୟ ସ୍ତରରେ ୩୪୩ ର୍ୟାଙ୍କ ରଖି କୃତକାର୍ଯ୍ୟ ହେବା ସହ ଖଇରା ସମେତ ବାଲେଶ୍ୱର ଜିଲାକୁ ଗୌରାବନ୍ୱିତ କରିଛନ୍ତି । ଏହା ପୂର୍ବରୁ ସେ ୨୦୨୦ ମସିହାରେ ଓଡିଶା ପ୍ରଶାସନିକ ସେବା (ଓପିଏସ୍‌ସି)ପରୀକ୍ଷାରେ

କୃତକାର୍ଯ୍ୟ ହେବା ପରେ ଏବେ ବାରିପଦାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ । ଷଷ୍ଠତମ ସୁଯୋଗରେ ତାଙ୍କୁ ଏହି ସଫଳତା ମିଳିଛି । ଏହି ସଫଳତାର ଶ୍ରେୟ ସେ ମା ରେବତୀ ପଣ୍ଡା,ବାପା ବୈକୁଣ୍ଠ ପଣ୍ଡା ଓ ପରିବାରବର୍ଗଙ୍କୁ ପ୍ରଦାନ କରିଛନ୍ତି । ୨୦୧୦ ମସିହାରେ ଶରତ ସରକାରୀ ହାଇସ୍କୁଲରୁ ୧୦ମ ଶ୍ରେଣୀ ଓ ରେଭେନ୍ସାରେ +୨ପାଶ ପରେ ରାଉରକେଲା ଘରୋଇ କମ୍ପାନିରେ ଚାକିରି ଆରମ୍ଭ କରିବା ସହ ପ୍ରଶାସନିକ ସେବାପାଇଁ ପ୍ରସ୍ତୁତ ହେଉଥିଲେ । ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ବିଶ୍ୱଜିତଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ।

## ବରିଷ୍ଠ ନାଗରିକ ସଂଘ ତରଫରୁ ଓଡ଼ିଆ ନବ ବର୍ଷ ପାଳିତ

ଉଦଳା, ୧୬/୪ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ବରିଷ୍ଠ ନାଗରିକ ସଂଘ ତରଫରୁ ଓଡ଼ିଆ ନବବର୍ଷ ପ୍ରତିବର୍ଷ ପରି ପାଳିତ ହୋଇ ଯାଇଛି । ସ୍ଥାନୀୟ ଟାଉନ କ୍ଲବ ପରିସରରେ ଆୟୋଜିତ ଏହି ଉତ୍ସବରେ ଆଲୋଚନା ଚକ୍ର, ଦିବଂଗତଙ୍କ ସ୍ମୃତିଚାରଣ ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ସଂଘର ଉପସଭାପତି ଡ଼ା. ଶଚିଦାନନ୍ଦନ ପରିଡ଼ା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆଜିର ଦିବସର ମହାତ୍ମ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ସଂଘର ସଦସ୍ୟ ଅନ୍ତର୍ଯ୍ୟାମି ପୁହାଣ ଓ ରଘୁମଣି ତ୍ରିପାଠୀଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ଓ ପରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଓଡ଼ିଆ ନବବର୍ଷକୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ନରେନ୍ଦ୍ର ମୋହନ ଜେନା, ରବିକାନ୍ତ ମହାପାତ୍ର ଓ ପ୍ରେମଲତା ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ପାରିବାରିକ ସମାଧାନ

ଭଦ୍ରକ, ୧୬/୪ (ନି.ପ୍ର): ଅନୁସୂଚିତ ବର୍ଗର ଝିଅଟିଏ । ବୟସ ୨୧ ବର୍ଷ । ସାମାଜିକ ଗଣମାଧ୍ୟମରେ ଜଣେ ସକ୍ରୀୟ ସଦସ୍ୟା । ହଠାତ ଜଣେ ୨୩ ବର୍ଷୀୟ ଯୁବକଙ୍କ ସହ ସୋସିଆଲ ସାଇଟରେ ମିଳାମିଶା କରୁକରୁ ପ୍ରଥମେ ଖୁବ୍ ନିକଟତର ଓ ପରେ ମନ୍ଦିରରେ ବିବାହ ଓ ତତ୍‌ପରେ ବାଙ୍ଗାଲୋର ଦୁଇମାସ ଧରି ପରସ୍ପର ସ୍ୱାମୀ ସ୍ତ୍ରୀ ହିସାବରେ ରହିବାପରେ ସ୍ୱାମୀଙ୍କ ଘରକୁ ଫେରିଥିଲେ । ଶଶୁର ଘରେ କିଛିଦିନ ରହିବାପରେ ସ୍ୱାମୀ ପୁନଃ ବାଙ୍ଗାଲୋରକୁ ଚାଲିଯାଇଥିଲେ । ଏହିପରି ଭାବରେ ବୋହୂ ହିସାବରେ କିଛିଦିନ ରହିବା ପରେ ଆରମ୍ଭ ହୋଇଗଲା ଅତ୍ୟାଚାର ଓ ନିର୍ଯ୍ୟାତନା । ଘରର ଯାବତୀୟ କାମ କରିବାସହ ଶାଶୁ ଶଶୂର ସବୁବେଳେ ଘୃଣା ଚକ୍ଷୁରେ ଦେଖୁଥିଲେ ଓ ଯୌତୁକ ପାଇଁ ୫ ଲକ୍ଷଟଙ୍କା ଆଣିବାକୁ ବାଧ କରିଥିଲେ । ଶେଷରେ କଟୁକଥା ଓ ଅପମାନ ସହି ନପାରି ବାପଘରକୁ ଚାଲିଯାଇଥିଲେ । ଶାଶୁ ଶଶୂର ଚାଲାକି କରି ବୋହୂକୁ ପୁନଃ ଆଣି ଅତ୍ୟାଚାର କରିଚାଲିଥିଲେ । ଏପରିକି ମାଡ଼ମାରି ଗୋଡ଼ ହାତ ଓ ଜଙ୍ଘକୁ ଭାଙ୍ଗିଦେଇ ଏକଘରେ ୫ ଦିନ ପର୍ଯ୍ୟନ୍ତ ଅଟକାଇ ରଖିଥିଲେ । ଶେଷରେ ଜଣେ ଅଚିହ୍ନା ଲୋକର ତାଗିଦ ପରେ ବୋହୂକୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇ ଅପରେସନ କରାଇଥିଲେ । ସେଠାରେ ସ୍ୱାମୀଙ୍କ ସହ ଫୋନ କରିବାରୁ ସେ ମଧ୍ୟ ତାଙ୍କ ବାପାମାଆଙ୍କ କଥାରେ ଅତ୍ୟାଚାରରେ ସଂପୃକ୍ତ ଥିବାର ଜାଣି ବୋହୂଟି ଅନ୍ୟ ପନ୍ଥାନପାଇ ବାପ ଘରକୁ ପଳାଇ ଯାଇଥିଲେ । ବାପାଘରୁ ମାଆ ସାହାଯ୍ୟରେ ତିହିଡ଼ି ଥାନାରେ ଅଭିଯୋଗ ନମ୍ବର ୧୩୭/୨୩ ମୂଳେ କେଶ କରିଥିଲେ ଓ ଅନଲାଇନ ମାଧ୍ୟମରେ ଉପରୋକ୍ତ ପୋଲିସ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ । ଶେଷରେ ଅନ୍ୟ ଉପାୟ ନପାଇ ଜିଲ୍ଲା ଆଇନ ପ୍ରାଧିକରଣ ଭଦ୍ରକଙ୍କ ନିକଟରେ ଅନଲାଇନ୍‌ରେ ଆଇନ ସେବାପାଇଁ ପ୍ରାର୍ଥନା କରିଥିଲେ । ଉକ୍ତ ଅଭିଯୋଗ ମୂଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ, ଶ୍ରୀମତୀ ନେହା ଅଗ୍ରୱାଲ, ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ପେନାଲ ଓକିଲଙ୍କୁ ଆଇନ ସେବା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ତିହିଡ଼ି ଥାନା ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ଆଦେଶ ପ୍ରଦାନ କରିଥିଲେ । ପେନାଲ ଓକିଲ ଘରୋଇ ହିଂସା ଓ ଭରଣପୋଷଣ ମକଦ୍ଦମା ଦାୟର କରିଥିଲେ । ଉକ୍ତ କେଶ୍ ମୂଳେ ଭରଣପୋଷଣ ପାଇଁ ମାସିକ ଟ.୩୦୦୦ଙ୍କା ପ୍ରଦାନ କରିବାକୁ ମାନ୍ୟବର ପାରିବାରିକ ଅଦାଲତ ଆଦେଶ ପ୍ରଦାନ କରିଥିଲେ । ମାତ୍ର ଇତି ମଧ୍ୟରେ ସ୍ୱାମୀ ନିଜ ସ୍ତ୍ରୀକୁ ଆପଣାଇବା ପାଇଁ ଚାହୁଁଥିବାରୁ ଉଭୟ ସ୍ୱାମୀ ସ୍ତ୍ରୀ ଆସି ମାନ୍ୟବର ଏସଡ଼ିଜେଏମ ଅଦାଲତ ମୁକାମରେ କେସ ନଂ ୩୩୪/୨୩ ଘରୋଇ ହିଂସା ମକଦ୍ଦମା୍ ରେ ଆପୋଷ ମିଳାମିଶା ପୂର୍ବକ ଉପରୋକ୍ତ କେଶରେ ଏକ ଦରଖାସ୍ତ ଆବେଦନ କରିଥିଲେ ଓ ତାହା ମଞ୍ଜୁର ହେବାରୁ ଉକ୍ତ ଦିନଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ସଂମ୍ପର୍କ ପୁନଃ ସ୍ଥାପନ ହେବାସହ ସ୍ତ୍ରୀଟି ତା'ର ନ୍ୟାଯ୍ୟ ଦାବି ଓ ସ୍ୱୀକୃତୀ ସ୍ୱରୂପ ସ୍ତ୍ରୀ ମର୍ଯ୍ୟାଦା ଫେରିପାଇଲା ।

## ଉଦ୍ଘାଟନ ହେଲା ରୂପସା ପ୍ରିମୀୟର ଲିଗ୍

ବସ୍ତା, ୧୬/୪ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ଦଲିଦଲି ପଡିଆ ରେ ତୃତୀୟ ବର୍ଷ ରୂପସା କ୍ରିକେଟ ପ୍ରିମୀୟର ଲିଗ୍ ଉଦ୍ଘାଟନ ହୋଇଯାଇଛି । ୬ ଟି ଟିମ୍ କୁ ନେଇ ଏହି ଟୁର୍ଣାମେଣ୍ଟ ଆୟୋଜିତ କରାଯାଇଛି । ଏହି ଟୁର୍ଣାମେଣ୍ଟ କୁ ରୂପସା ଅଞ୍ଚଳ ର ଯୁବ ସମାଜ ସେବୀ ଜଗଦୀଶ ବେହେରା , ବଂଶୀଧର ପଣ୍ଡା, ବିନୟ କୁମାର ବେହେରା ଉଦ୍ଘାଟନ କରିଥିଲେ । ପ୍ରଥମ ମ୍ୟାଚ୍ କାଦମୋଉଦା ସୁପର ଜେଣ୍ଟ ଓ ରାଇଯିଂଷ୍ଟାର ଇଲେଭେନ ଦ୍ୱିତୀୟ ମ୍ୟାଚ ଜୟ ଜଗନ୍ନାଥ କ୍ଲବ୍ ବନାମ ରୂପସା ସୁପର କିଙ୍ଗ ମଧ୍ୟରେ ଖେଳ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍ କାଦମୌଦା ସୁପର ଯେଣ୍ଟ , ଦ୍ୱିତୀୟ ମ୍ୟାଚ ରେ ରୂପସା ସୁପର କିଙ୍ଗ ବିଜେତା ହୋଇଥିଲେ । ଏହି ଟୁର୍ଣାମେଣ୍ଟ ଟି ୯ ଦିନ ଧରି ଚାଲିବ । ଏହି କାର୍ଯ୍ୟକ୍ରମ ର ଆୟୋଜକ ଅଜୟ ବେହେରା , ବସନ୍ତ ବେହେରା , କମଳାକାନ୍ତ ବିଶି , ଜ୍ୟୋତିପ୍ରକାଶ ବେହେରା , ଆକାଶ ମାରାଣ୍ଡି , ଆକାଶ ଜେନା ଓ ଅନ୍ୟମାନେ ସହଯୋଗ ରେ ଆୟୋଜିତ ହୋଇଥିଲା ।

## ଚିଙ୍ଗୁଡ଼ି ଝିଲ ପାଖରୁ ମୃତ ଯୁବକକୁ ଉଦ୍ଧାର କଲା ପୋଲିସ: ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ସନ୍ଦେହ

ଲଙ୍ଗଲେଶ୍ୱର, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଗନ୍ଧିଆ ନିକଟରେ ଏକ ଚିଙ୍ଗୁଡ଼ି ଝିଲ ପାଖରୁ ଯୁବକଙ୍କ ମୃତ ଦେହ ଉଦ୍ଧାର,ସୁଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସଦର ଥାନା ପଟାଗାଁ ଗ୍ରାମର ଜଗବନ୍ଧୁ ସ୍ୱାଇଁ ନାମକ ଜଣେ ଯୁବକ ଗନ୍ଧିଆ ନିକଟରେ ଏକ ଚିଙ୍ଗୁଡ଼ି ଝିଲରେ କାମ କରୁଥିଲା, ତାଙ୍କ ସହିତ ତାଙ୍କ ସ୍ତ୍ରୀ ତାରାମଣି ମଧ୍ୟ ରହୁଥିଲେ ,ଗତକାଲି ସନ୍ଧ୍ୟାରେ ଜଗବନ୍ଧୁ ସ୍ତ୍ରୀ ତାରାମଣି ଙ୍କ ନିକଟରୁ ଗୋଟିଏ ଗାମୁଛା ନେଇ ସୈଚ ହେବା ପାଇଁ ଯାଇ ଆଉ ଫେରି ନଥିଲେ,ପରେ ସ୍ତ୍ରୀ କିଛି ସ୍ଥାନରେ ଖୋଜା ଖୋଜି ଆଜି ସକାଳେ ସେମାନେ ରହୁଥିବା ଝିଲ ନିକଟରେ ମୃତ ଦେହ ପଡ଼ିଥିବା ଦେଖି ଝିଲ ମାଲିକ କୁ ଖବର ଦେଇଥିଲେ,ତେବେ ତାଙ୍କ ମୃତ୍ୟୁ ର କାରଣ ଜଣା ପଡ଼ିନଥିବା ବେଳେ ହତ୍ୟା କରା ଯାଇଥିବା ପ୍ରାର୍ଥମିକ ତଦନ୍ତ ରୁ ଜଣା ପଡିଛି,ଘଟଣା ସ୍ଥଳରେ ସିଂଲା ପୋଲିସ ତଦନ୍ତ କରୁଛି, ଜଗବନ୍ଧୁ ଙ୍କୁ ଏସିଡ ଢାଳି ହତ୍ୟା କରା ଯାଇଥିବା ଜଣା ପଡିଛି ।

## ଶତାଧିକ ବର୍ଷର ପୂଜା ମଣ୍ଡପ ଓଡ଼ିଆ ଶାସନରେ ହଜାର ହଜାର ଭକ୍ତଙ୍କ ସମାଗମ

ବସ୍ତା , ୧୬/୪ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଗଡପଦା ପଞ୍ଚାୟତ ରେ ଥିବା ଶତାଧିକ ବର୍ଷ ର ଓଡ଼ିଆ ଶାସନ ପୂଜା ମଣ୍ଡପ ରେ ମା ବାସନ୍ତୀ ଙ୍କ ଅଷ୍ଟମୀ ପୂଜାରେ ହଜାର ହଜାର ଭକ୍ତ ଙ୍କ ସମାଗମ । ଏହି ପୂଜା ମଣ୍ଡପ ରେ ଗଡପଦା , ରାଉତପଡା, ଲଛମନଖୁଣ୍ଟା , ରୂପସା ଓ ରୂପସା ଅଞ୍ଚଳ ପାଖ ରୁ କିଛି କିଛି ପଞ୍ଚାୟତ ର ଭକ୍ତ ଆସି ମା ଙ୍କ ପାଖରେ ପୂଜା ଦେଇ ମା ଙ୍କ ଆଶିଷ କାମନା କରିଥିଲେ । ଖରାକୁ ଲକ୍ଷ କରି ଶିକ୍ଷା ଅନୁଷ୍ଠାନ ଜେଡି ପାଠ ଶାଳା ତରଫରୁ ସମସ୍ତ ଭକ୍ତ ଓ ପଥ ଚାରି , ସମସ୍ତ ବ୍ରାହ୍ମଣ ପାଇଁ ଙ୍କ ଲେମ୍ବୁ ସର୍ବତ , ଟାଟା ଗ୍ଲୁକୋଜ , ଦହି ସର୍ବତ ଆଦି ର ବ୍ୟବସ୍ଥା କରାଯାଇଥିଲା । ଏହି ଅନୁଷ୍ଠାନ ରେ ୧୫ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ରେ ନିୟୋଜିତ ହେଇଥିଲେ ।

## ବିଷୁବ ମିଳନ ଅବସରରେ ଅଖିଳ ଭରତୀୟ କୁର୍ମି କ୍ଷତ୍ରିୟ ମହାସଭାର ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ବେତନଟୀ , ୧୬/୪ (ନି.ପ୍ର): ଅଖିଳ ଭରତୀୟ କୁର୍ମି କ୍ଷତ୍ରିୟ ମହାସଭା ଓଡିଶା କେନ୍ଦୁଝର ତରଫରୁ ଆଜି ଘଟଗାଁ ସ୍ଥିତ ହୋଟେଲ ମା'ର ସଭା ଗୃହରେ ମହାସଭାର ଅଧକ୍ଷ ମାନନୀୟ ଡ଼ ବିଜୟ ସିଂହ ନିରଞ୍ଜନ ଅବସରପ୍ରାପ୍ତ ଆଇ. ଏ. ଏସ ଙ୍କୁ ହୋଲି ଓ ବିଷୁବ ମିଳନ ଅବସରରେ ଉଚ୍ଚସ୍ୱିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କେନ୍ଦୁଝର ତଥା ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ଶତାଧିକ ଶ୍ରୋତାଙ୍କ ଗହଣରେ ଡ଼. ନିରଞ୍ଜନ ତାଙ୍କ ଅଭିଭାଷଣରେ ସଭିଙ୍କୁ ଦେଶସେବା ଓ ମାନବ ସେବାରେ ନିଜକୁ ନିୟୋଜିତ ରଖନ୍ତୁ ବୋଲି କହିଥିଲେ । ଗୁଜୁରାଟର ପଟେଲ ମାନଙ୍କ ଦୃଷ୍ଟାନ୍ତ ଦେଇ ସେ ମଧ୍ୟ କହିଲେ ଯେ ଶିକ୍ଷା, ଅଧବସାୟ ଓ ମହତ ଲକ୍ଷ୍ୟ ନେଇ ଆଗେଇଲେ ବ୍ୟକ୍ତି ଜଣକ ନିଶ୍ଚୟ ସଫଳ ବ୍ୟବସାୟୀ ଓ ଉଦ୍ୟୋଗପତି ହୋଇପାରିବେ ଓ ଦେଶମାତୃକର ସେବାରେ ଲାଗିପାରିବେ ବୋଲି ବିଭିନ୍ନ ଉଦାହରଣ ଦେଇ ତାଙ୍କ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ମଧ୍ୟ ଯୋଧପୁର(ରାଜସ୍ଥାନ )ର ଯୁବ

ବ୍ୟବସାୟୀ ମହେନ୍ଦ୍ର ଚୌଧୁରୀ, ସର୍ବ ଭାରତୀୟ ମହିଳା ନେତ୍ରୀ ଶ୍ରୀମତୀ ନିଲମ ନିରଞ୍ଜନ ଓ ଗଞ୍ଜାମର ସମାଜ ସେବି ସଂଗଠନର ବରିଷ୍ଠ ସଂରକ୍ଷକ ବଂଶୀଧର ନାୟକ ପ୍ରଭୃତିଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏହି ସଭାର ମୁଖ୍ୟ ଉଦ୍ୟୋକ୍ତା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କେନ୍ଦୁଝର ଜିଲ୍ଲା ଅଧକ୍ଷ ନରହରି ମହାନ୍ତ ବର୍ମାଙ୍କ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଉତ୍ତର ପ୍ରଦେଶ ଓ ରାଜସ୍ଥାନ ର କୁର୍ମି କ୍ଷତ୍ରିୟଙ୍କ ସହିତ ଆମ ରାଜ୍ୟର କୁର୍ମିଙ୍କୁ ଭାବଗତ ଓ ସାଂସ୍କୃତିକ ଐକ ପ୍ରତିଷ୍ଠା ଦିଗରେ ଏହି ବାନ୍ଧୁ ମିଳନ କରାଯାଇ ଥିଲା । ଏହି ସନ୍ଦର୍ଭରେ ଏକ ମେମୋରାଣ୍ଡମ ସଭାପତି ମହୋଦୟଙ୍କୁ ପ୍ରଦାନ କରାଯାଇଥିଲା । ଏହା ମୁଖ୍ୟତଃ ସାହିତ୍ୟ, ସଂସ୍କୃତି ଓ ସମାଜସେବା ଉପରେ ଆଧାରିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସଂସ୍କୃତି ଗବେଷକ ଶ୍ରୀ ବିପିନବିହାରୀ ମହାନ୍ତ ଓ ଇଟର ନିଟି ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ସର୍ବଭାରତୀୟ କୁର୍ମି କ୍ଷତ୍ରିୟ ମହାସଭାକୁ ଓଡିଶା ସହିତ ଯୋଡ଼ିଥିବା ବିଶିଷ୍ଟ ସମାଜ ସଂସ୍କାରକ ନିରଞ୍ଜନ ମହାରାଜଙ୍କ ଅମର ସ୍ମୃତିକୁ ଚିର ଭାସ୍ୱର କରିବାକୁ ସଭିଙ୍କୁ ନିବେଦନ ରଖିଥିଲେ । ଉକ୍ତ ସଭାରେ ଅତିଥି ମାନଙ୍କ ଦ୍ୱାରା ନରହରି ମହାନ୍ତ ବର୍ମାଙ୍କ ଐତିହାସିକ ଗବେଷଣାତ୍ମକ ପୁସ୍ତକ 'କୁର୍ମୀଙ୍କର ଅତୀତ ଓ ବର୍ତ୍ତମାନ 'ଉନ୍ମୋଚିତ ହୋଇଥିଲା । ଶେଷରେ କେନ୍ଦୁଝର ଜିଲ୍ଲା ମହିଳା ଅଧକ୍ଷା ଶ୍ରୀମତୀ ଅବନ୍ତୀ ମହାନ୍ତ ନାରୀ ସଶକ୍ତି କରଣ ଦିଗରେ ପଦକ୍ଷପ ନେବାକୁ ଗୁରୁତ୍ୱ ଦେଇଥିଲେ । ମହାସଭାର ଆଜୀବନ ସଦସ୍ୟ ସର୍ବଶ୍ରୀ ଅଙ୍ଗଦ ଚରଣ ମହାନ୍ତ,ଗୋବର୍ଦ୍ଧନ ମହାନ୍ତ, ଗୌରହରୀ ମହାନ୍ତ,ରମେଶ ଚନ୍ଦ୍ର ମହାନ୍ତ, ଦୁର୍ଯୋଧନ ମହାନ୍ତ, ଗୁରୁଚରଣ ମହାନ୍ତ, ଆନନ୍ଦ ଚନ୍ଦ୍ର ମହାନ୍ତ, ନିରାକାର ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ,ଦୟାନିଧି ମହାନ୍ତ, ମନ୍ଦୀପ କୁମାର,ଶ୍ରୀମତୀ ଦମୟନ୍ତୀ ମହାନ୍ତ, ଶ୍ରୀମତୀ ରୁବିପ୍ରିୟା ମହାନ୍ତ ପ୍ରଭୃତିଙ୍କ ସହଯୋଗରେ ସଭାଟି ସଫଳ ହୋଇଥିଲା । ପରିଶେଷରେ କେନ୍ଦୁଝର ଜିଲ୍ଲା ମହିଳା ଅଧକ୍ଷା ଶ୍ରୀମତୀ ଅବନ୍ତୀ ମହାନ୍ତ ଆଗନ୍ତୁକ ଅତିଥି ଗଣଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

## ମୁଳାସରରେ ଅବକାରି ଚଢ଼ଉ

ଜୟପୁର, ୧୬/୪ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ମୁଳାସର କେନାଲ ନିକଟ ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଓ ଇଆଇବି ସ୍କ୍ୱାର୍ଡ ମିଳିତ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୪ ହଜାର ଲିଟର ମହୁଲ ପୋଚ ଓ ୨୪୦ ଲିଟର ମହୁଲ ମଦ ଜବତ କରି ନଷ୍ଟ କରିଛି । ବେଆଇନ ଭାବେ ଚୋରା ମହୁଲ ମଦ ପ୍ରସ୍ତୁତି ଖବର ପାଇ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ, ଓଆଇସି ନିଳାଦ୍ରି ବାହାରି ମିଶ୍ର, ଇଆଇବି ସ୍କ୍ୱାର୍ଡ ଓଆଇସି ରଶ୍ମି ରଞ୍ଜନ ନାୟକ ପ୍ରମୁଖ ଚଢଉ କରିଥିଲେ ।

## ସମାଜସେବୀଙ୍କ ଶ୍ରାଦ୍ଧ ବାର୍ଷିକିରେ ଶ୍ରଦ୍ଧାଞ୍ଜଳି ସଭା

ବସ୍ତା, ୧୬/୪ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ବିଶିଷ୍ଟ ସମାଜସେବୀ ଗାଁ ମୁଖିଆ ସ୍ୱର୍ଗତ ସୃଷ୍ଟିଧର ଆଇଚଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକି ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି । ସେଜଣେ ଦରଦି ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ଭାବେ ଉକ୍ତ ଅଞ୍ଚଳରେ ବେଶ ଜଣାଶୁଣାଥିଲେ ।ଏ ନେଇ ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ

ହୋଇଥିଲା ।ମଥାନୀ